**ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି**

କୁନ୍ଦୁରା, (ସନ୍ତୋଷ ପ୍ରହରାଜ)- କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ୬୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତବିଭାଗ ରାସ୍ତା, ଟାୱାର, ପାନୀୟ ଜଳ, ଆୱାସ ଗୃହ ଓ ବ୍ୟକ୍ତିଗତ ଭାବେ ଆୱାସ ଗୃହ କାଟି ଦେଇଥିବା ନେଇ ଅଭିଯୋଗମାନ ଆସିଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଗୌରବ ଶିବାଜୀ ଇସଲୱାର, ଉପ ଜିଲାପାଳ ପ୍ରଭାତ ପରିଡ଼ା,ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ବିଡିଓ ବିଚିତ୍ରାନନ୍ଦ ନାୟକ, ତହସିଲଦାର ଆୟୁବ ମଣ୍ଡଳ, ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୋରାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

ଅନୁଦାନ ବିନିଯୋଗରେ ଦୁର୍ନୀତି ଅଭିଯୋଗ

### ପଞ୍ଚାୟତିରାଜ ବିଭାଗକୁ ଦାବିପତ୍ର ଦେଲା ଜିଲା ଯୁବ ସଙ୍ଗଠନ



**ପଟ୍ଟାଙ୍ଗି,୨୫।୯(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ମାଧ୍ୟମରେ ପ୍ରଦାନ କରାଯାଇଥିବା ଅନୁଦାନ ବିନିଯୋଗରେ ଦୁର୍ନୀତି ହୋଇଥିବା ନେଇ ଜିଲା ଯୁବ ସଙ୍ଗଠନ ପକ୍ଷରୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ଉକ୍ତ ସଙ୍ଗଠନର ଜିଲା ଆବାହକ ରବୀନ୍ଦ୍ର ମହାପାତ୍ର ପଟ୍ଟାଙ୍ଗି ବିଡ଼ିଓଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ମହାପାତ୍ର ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ଏହି ଦୁଇ ଶିକ୍ଷା ଅନୁଷ୍ଠାନ ପାଇଁ ୫-ଟି ମାଧ୍ୟମରେ ଶ୍ରେଣୀ ଗୃହ ନିର୍ମାଣ ଲାଗି ୭୫ଲକ୍ଷ ଲେଖାଏ ମୋଟ ଦେଢ଼ କୋଟି ଟଙ୍କା ମିଳିଛି। ବିନା କାର୍ଯ୍ୟା ଦେଶରେ ଉଭୟ ପ୍ରକଳ୍ପର ଅଧା କାର୍ଯ୍ୟ ସରିଲାଣି। ବର୍ତ୍ତମାନ ଉକ୍ତ କାର୍ଯ୍ୟ ନିମନ୍ତେ ଟେଣ୍ଡର ପ୍ରକାଶ ପାଇଛି। ବିନା ଟେଣ୍ଡରରେ ପ୍ରଥମେ ଏତେ ଟଙ୍କାର କାର୍ଯ୍ୟ କାହା ନିର୍ଦ୍ଦେଶରେ ଆରମ୍ଭ ହୋଇଥିଲା ବୋଲି ମହାପାତ୍ର ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଏନେଇ ଆରଟିଆଇରେ ତଥ୍ୟ ମାଗାଯାଇଥିବା ବେଳେ ଏହା ଜିଲାପାଳଙ୍କ ନିର୍ଦ୍ଦେଶରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ଆରଟିଆଇରେ ମଗାଯାଇଥିବା ତଥ୍ୟର ଉତ୍ତରରେ କୁହାଯାଇଥିଲା। ପଞ୍ଚାୟତିରାଜ ବିଭାଗ ନିୟମ ଅନୁଯାୟୀ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ହେଲେ ତାହା ଟେଣ୍ଡର ଦ୍ୱାରା କରିବାକୁ ନିୟମ ରହିଛି। ଏଠାରେ ଏହି ନିୟମର ଉଲ୍ଲଂଘନ କରାଯାଇଛି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ କଳ୍ପନା ପାଙ୍ଗି ତତ୍କାଳୀନ ବିଡ଼ିଓଙ୍କୁ ଏହି ଦୁଇ ଶିକ୍ଷା ଅନୁଷ୍ଠାନର ଚାଲୁଥିବା କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କ ଦଅଟେ ଆକର୍ଷଣ କରି ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ସମାଜିକ କର୍ମୀ ପ୍ରତାପ ଚୌଧୁରୀ ଉକ୍ତ ଘଟଣାର ତଦନ୍ତ କରି ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମକୃଷ୍ଣ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି କାର୍ଯ୍ୟ ଜିଲା ପ୍ରଶାସନର ଠିକୁ ଭିତ୍ତି କରି ସେତେବେଳ ଏଠାରେ ଥିବା ପୂର୍ବତନ ବିଡ଼ିଓଙ୍କ ପକ୍ଷରୁ ହୋଇଛି। ଏବେ କାମ ବନ୍ଦ ରହିଛି। ସେହିପରି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଜନେଶ୍ୱର ସାହୁଙ୍କୁ ପଚାରିବାରୁ ସେ ମଧ୍ୟ ସମାନ ଉତ୍ତର ଦେଇଛନ୍ତି।

### ନିଶାସକ୍ତ ଅବସ୍ଥାରେ ବାଇକ୍ ଚଲାଇ ୨ ଅଟକ

**ଜୟପୁର, ୨୫।୯(ପବନ ପାଣିଗ୍ରାହୀ)**

ନିଶାସକ୍ତ ଅବସ୍ଥାରେ ବାଇକ୍ ଚଲାଉଥିବା ବେଲେଟାଉନଥାନା ପୋଲିସହାତରେ ୨ଜଣ ଧରାପଡିଛନ୍ତି। ସେମାନେ ହେଲେ ଭୁପତି ସାହିର ଜି. ରମେଶ ଓ ମହାରାଣୀପେଟାର ପି.ପ୍ରଶାନ୍ତ କୁମାର। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏହି ୨ ଜଣ ମଦ୍ୟପାନ କରି ବାଇକ ଚାଲଉଥିବା ନେଇ ନଜରକୁ ଆସିଥିଲେ। ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରି ଅଟକ ରଖିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ବିନା ନମ୍ବର ବିହୀନ ହାଇୱାରେ ଖଣିଜ ପଦାର୍ଥ ଚାଲାଣ

**ସୁନାବେଡା/ସେମିଲିଗୁଡା ୨୫।୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ )**

କୋରାପୁଟ ଜିଲା ବିଭିନ୍ନ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଜିଲାରେ ଲଘୁ ଖଣିଜ ସମ୍ପଦ ମଧ୍ୟ କିଛି କମ୍ ନାହିଁ। ସେଗୁଡିକ ପରିବହନ ଲାଗି ପ୍ରତ୍ୟହ ଶହ ଶହ ଗାଡ଼ି ନିୟୋଜିତ ହେଉଛି। ସରକାର ନିକଟରେ ମୋଟରଯାନ ନିୟମ ବଦଳାଇ ଗାଡି ମାଲିକମାନେ ନିଜ ଗାଡିର ପୁରୁଣା ନଂ. ପ୍ଲେଟ୍ ବଦଳାଇ ହାଇ ସିକ୍ୟୁରିଟି ନଂ. ପ୍ଲେଟ୍ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟ ସୀମା ରଖାଯାଇଥିଲା। ପରେ ଆର୍‌ଟିଓ ଏବଂ ପୋଲିସ୍ ବିଭାଗକୁ ଗାଡିଗୁଡିକୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ସ୍ଥାନୀୟ ପୋଲିସ୍ କିଛିଦିନ ଗାଡି ଯାଞ୍ଚ କଲା। କେବଳ ଦୁଇଚକିଆ ଓ ଚାରିଚକିଆ ଗାଡିକୁ ହେଲମେଟ୍ ଓ ସିଟ୍ ବେଲଟ୍ ଯାଞ୍ଚ କରି ସେମାନଙ୍କଠାରୁ ଏବାବଦକୁ ଫାଇନ୍ ଆଦାୟ କଲା। ହେଲେ ଖଣି ଖାଦାନ ଅଞ୍ଚଳରେ ଚାଲୁଥିବା ବଡ଼ ଗାଡ଼ିଗୁଡିକୁ ପୋଲିସ ଆଡ ଆଖିରେ ଚାହିଁଲାନି। ଏବେ ମଧ୍ୟ ଚାହୁଁନାହିଁ। ଏ ଦିଗରେ ଆରଟିଓ ମଧ୍ୟ ନୀରବ ରହିଛି। ଫଳରେ ସେମିଲିଗୁଡା ତହସିଲ୍ ଅଧୀନ ବିଭିନ୍ନ ଖଣି ଖାଦାନରୁ ଶତାଧିକ ନମ୍ବରବିହୀନ ହାଇୱା ଓ ଟିପ୍ପରରେ ପ୍ରତିଦିନ ହଜାର ହଜାର ଟନ୍ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଅନେକ ଗାଡିରେ ନମ୍ବର ପ୍ଲେଟ୍ ନ ଥାଇ ମଧ୍ୟ ଖଣିଜ ସମ୍ପଦ ଚାଲାଣ ହେଉଛି। ଏନେଇ କୋରାପୁଟ ଆର୍‌ଟିଓ ମାନସ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ଏହା ଏକ ଗୁରୁତର ଅପରାଧ। ଏପରି ଯଦି ହେଉଥାଏ ତେବେ ଏମିତି ଗାଡିଗୁଡିକୁ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯିବ। ଭବିଷ୍ୟତରେ ସେମାନେ ଯେପରି ଏପରି ନ କରନ୍ତି ସେନେଇ ସେମାନଙ୍କୁ ତାଗିଦ କରାଯିବ ବୋଲି ମିଶ୍ର କହିଥିଲେ। ଏ ସମ୍ପର୍କରେ ସେମିଲିଗୁଡା ତହସିଲଦାର ଜ୍ୟୋତିରାଣୀ ରଥଙ୍କୁ ପଚାରିବାରୁ ସେ କହିଲେ, ଆଗାମୀ ଦିନରେ ଆରଆଇଙ୍କୁ ଏନେଇ ଏକ ଟିମ୍ ଗଠନ କରିବାକୁ କୁହାଯିବ। ପରେ ଏହି ଟିମ୍ ନିୟମ ଉଲ୍ଲଂଘନ କରୁଥିବା ଗାଡି ଉପରେ ଚଢାଉ କରିବ। ଏନେଇ ସେମିଲିଗୁଡା ଆଇଆଇସି ସଚ୍ଚିନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ବିନା ନମ୍ବର ପ୍ଲେଟ୍ ଅବା ପୁରୁଣା ନମ୍ବର ପ୍ଲେଟ୍ ଲଗାଇ ଅଞ୍ଚଳରେ ଚଳାଚଳ କରୁଥିବା ଗାଡି ତାଙ୍କ ନଜରକୁ ଆସିନାହିଁ। ଏହା ତାଙ୍କ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ହେବବୋଲି ପ୍ରଧାନ କହିଥିଲେ।



ବିନା ନମ୍ବର ପ୍ଲେଟ୍‌ରେ ଖଣିଜ ସମ୍ପଦ ଚାଲାଣ କରୁଥିବା ଏକ ହାଇୱା।

# କାର୍ଯ୍ୟରେ ଅସହଯୋଗ କରିବାକୁ ଦାବିପତ୍ର ଦେଲା ସରପଞ୍ଚ ସଂଘ



ସରପଞ୍ଚମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

**ଜୟପୁର, ୨୫।୯ (ପବନ ପାଣିଗ୍ରାହୀ)**

ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅସହଯୋଗ କରିବାକୁ ସୋମବାର ବିଡିଓ ରାଜୀବ ଦାସଙ୍କୁ ସରପଞ୍ଚ ସଂଘ ଏକ ଦାବିପତ୍ର ଦେଇଛି। ରାଜ୍ୟ ସରପଞ୍ଚ ମହାସଂଘ ନିର୍ଦ୍ଦେଶରେ ଜୟପୁର ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ ଦଫା ଦାବି ପୂରଣ ପାଇଁ ସରପଞ୍ଚମାନେ କଲମ ଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ଦୃଷ୍ଟିରୁ ସେମାନେ ଅନିର୍ଦ୍ଦିଷ୍ଟ କାଳଯାଏ ସରକାରଙ୍କ ବିଭିନ୍ନ ଯୋଜନାରେ ଅସହଯୋଗ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେମାନଙ୍କ ଆନ୍ଦୋଳନ ପାଇଁ ଜନସାଧାରଣଙ୍କ ଅସୁବିଧାର ସମ୍ମୁଖୀନ ହେଲେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ତରଫରୁ କୁହାଯାଇଛି। ବିଶେଷ କରି ପଞ୍ଚାୟତରେ ସରପଞ୍ଚଙ୍କ ଭୂମିକାକୁ ନ୍ୟୁନ କରଦେବା, ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ, ପଞ୍ଚାୟତରେ ସରପଞ୍ଚ ପାଣ୍ଠି ଗଠନ, ବିଧାୟକ ଓ ଏମ୍‌ପିଙ୍କ ଯେପରି ଦରମା ଭତ୍ତା ରହିଛି ସେହି ଅନୁସାରେ ସରପଞ୍ଚଙ୍କ ଦରମା ମାସିକ ୩୦ ହଜାର କରିବା, ସରପଞ୍ଚମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ଏବଂ ସରପଞ୍ଚଙ୍କ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ ହେଲେ ମୃତ୍ୟୁକାଳୀନ ସହାୟତା ରୂପେ ସେମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଦେବା, ଗ୍ରାମ ପଞ୍ଚାୟତ ଅର୍ଥରେ ହେଉଥିବା ସମସ୍ତ କାର୍ଯ୍ୟକୁ ପଞ୍ଚାୟତ ଦ୍ୱାରା ପରିଚାଳନା ବ୍ୟବସ୍ଥା କରିବା, ରାଜ୍ୟର ରାଜଧାନୀ ଓ ଜିଲା ସଦର ମହକୁମାରେ ସରପଞ୍ଚ ଭବନ ନିମନ୍ତେ ଜମି ଓ ଅର୍ଥ ବରାଦ କରିବା ଆଦି ସେମାନଙ୍କ ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ କୋରାପୁଟ ଜିଲା ସରପଞ୍ଚ ସଂଘ ଉପ ସଭାପତି ମନଧର ଗାଦବା, ଜିଲା ସଂଘ ଉପଦେଷ୍ଟା ଦିନୁ ହକୋକା, ସମ୍ପାଦକ ବଳଭଦ୍ର ଗାଦବା, ଶିବ ଭୂମିଆ, ଯୋଶେଫ ସିରିକା, ବାବୁଲା ଦିଶାରି, ସବିତା ନାୟକ, ରୁକ୍ମଣୀ ଭୂମିଆ, ସବିତା ମୁଦୁଲି, ଲକ୍ଷ୍ମଣ ହାଲବା, ଆନନ୍ଦ ହାଲବା, ତ୍ରିନାଥ ପୂଜାରୀ, ସୁଶିଳ ପେଣ୍ଡିଆ, ବଦ୍ରି ପୁଜାରି ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି ନିୟମିତ ନ କଲେ ପରିବାର ସହ ଧାରଣାରେ ବସିବୁ



ବୈଠକରେ ଉପସ୍ଥିତ ପିଅନମାନେ ଆଲୋଚନା କରୁଛନ୍ତି।

**କୁନ୍ଦୁରା,୨୫।୯(ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗ୍ରାମ ପଞ୍ଚାୟତ ଅଧୀନରେ କାର୍ଯ୍ୟରତ ପିଓନମାନଙ୍କ ଏକ ଜରୁରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷ ଧରି ପଞ୍ଚାୟତ ଅଧୀନରେ କାର୍ଯ୍ୟରତ ଥାଇ ମଧ୍ୟ ସରକାର ସେମାନଙ୍କୁ ଚାକିରିରେ ନିୟମିତ କରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ୱଳ୍ପ ପାରିଶ୍ରମିକ ପାଇ ସେମାନେ ବହୁ କଷ୍ଟରେ ଚଳୁଛନ୍ତି। ସେମାନେ ପାଉଥିବା ପ୍ରାପ୍ୟ ଜଣେ ଦିନ ମଜୁରିଆଠାରୁ ମଧ୍ୟ କମ ବୋଲି ଅଭିଯୋଗ କରିଥିଲେ। ପ୍ରାପ୍ୟ ପ୍ରଦାନ ନେଇ ସେମାନେ ଅଗାମୀ ଦିନରେ ୮ଫା ଦାବି ନେଇ ପରିବାର ସହ ରାଜଧାନୀରେ ଧାରଣାରେ ବସିବାକୁ ବୈଠକରେ ନିଷ୍ପତ୍ତି ନେଇଥିଲେ। ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କୁ ନିୟମିତ ମାନ୍ୟତା ସହ ଦରମା ପ୍ରଦାନ କରିବା, ଶ୍ରମ ଓ ନିୟୋଜନ ବିଭାଗ ଘୋଷଣା କରିଥିବା ଦୈନିକ ମଜୁରି ସର୍ବନିମ୍ନ ୩୩୩ ଟଙ୍କାରୁ କମ ହେଉ ନ ଥିବା ପାରିଶ୍ରମିକ ପଞ୍ଚାୟତିରାଜ ବିଭାଗରୁ ଏକ ଷ୍ଟାଣ୍ଡିଂ ନିର୍ଦ୍ଦେଶାବଳୀ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ପଠାଇବା, ବିଗତ ଦିନରେ ଯେପରି ଗ୍ରାମ ପଞ୍ଚାୟତ ସମ୍ପାଦକମାନଙ୍କୁ ସହାୟତା କରିବା ପାଇଁ ଅର୍ଥ ଓ ପଞ୍ଚାୟତିରାଜ ଅତିରିକ୍ତ ଶାସନ ସଚିବଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟି ସରକାରୀ ଅନୁଦାନ ଯୋଗାଇଦେବାକୁ ଗ୍ରାଣ୍ଟ ଇନ୍‌ଏଡ୍ କର୍ମଚାରୀ ବ୍ୟବସ୍ଥା କରିଥିଲେ ସେହିଭଳି ଏହି କର୍ମଚାରୀମାନଙ୍କ ନିମନ୍ତେ ପଞ୍ଚାୟତିରାଜ ବିଭାଗରେ କମିଟି ବ୍ୟବସ୍ଥା କରିବା, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ନିୟୋଜିତ ଥିବା ପିଅନମାନଙ୍କୁ ପଞ୍ଚାୟତିରାଜ ବିଭାଗ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରି ପ୍ରାପ୍ୟ ଦିନ ମଜୁରିଆଙ୍କଠାରୁ କମ୍ ଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସଂଘ ସଭାପତି ଦେବ ମାଝୀ, ସମ୍ପାଦକ କିଶୋର ପୂଜାରୀ, କମଳ ଲୋଚନ ପାଇକ, ପୀତବାସ ଗୌଡ, ମଧୁ ଗୁଣ୍ଡା, ଜଗନ୍ନାଥ ପୂଜାରୀ, ସୁରେନ୍ଦ୍ର ହାଲବାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଗଣେଶ ଭସାଣି ବେଳେ ଅଘଟଣ

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ନନ୍ଦପୁର, ୨୫।୯ (ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ ସଦରରେ ଗଣେଶ ପୂଜା ଚାଲିଥିଲା। ସୋମବାର ଗଣେଶଙ୍କ ଭସାଣି ବେଳେ ଅଘଟଣ ଘଟିଛି। ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ତ୍ରିନାଥ କିର୍ଷାନୀ(୪୫)। ଖବରରୁ ଜଣାପଡିଛି ଭସାଣି ଶୋଭାଯାତ୍ରା ଦେଖିବାକୁ ତ୍ରିନାଥ ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ଆନ୍ଧ୍ରର ପେଦାବାଇଲି ପଟୁ ବାଲି ନେବାକୁ ଆସୁଥିବା ଟ୍ରକ (ଏପି ୩୯ ଟିଏନ-୭୪୯୭) ତାଙ୍କୁ ଧକ୍କା ଦେଇଥିଲା। ଗ୍ରାମବାସୀ ଗୁରୁତର ତ୍ରିନାଥଙ୍କୁ ସେହି ଟ୍ରକରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତ୍ରିନାଥଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ନନ୍ଦପୁର ପୋଲିସ ଟ୍ରକକୁ ଥାନାରେ ଅଟକ ରଖିଛି। ପରିବାର ଲୋକଙ୍କ ଏତଲା କ୍ରମେ ପାଡୁଆ ପୋଲିସ ଘଟଣାର ତଦନ୍ତ କରୁଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୪ ଜିଲା ଘରୋଇ ବସ୍ ମାଲିକ ସଂଘର ସମ୍ମିଳନୀ



**କୋରାପୁଟ,୨୫।୯(ଅମିତାଭ ବେହେରା)**

ସ୍ଥାନୀୟ କୋଟସ ସଭାଗୃହରେ ସୋମବାର ଅବିଭକ୍ତ କୋରାପୁଟ ୪ ଜିଲାର ଘରୋଇ ବସ୍ ମାଲିକ ସଂଘର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଯୋଜନାରେ ବାହାର ରାଜ୍ୟର ବ୍ୟକ୍ତିଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ ଉପରେ ସଂଘ କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଯୋଜନାରେ ରାଜ୍ୟର ଜନସାଧାରଣ ଯେପରି ସୁବିଧା ପାଇବେ ତାହାକୁ ଗୁରୁତ୍ୱ ଦେଇ ସରକାର ରାଜ୍ୟର ଘରୋଇ ବସ୍ ମାଲିକମାନଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ କରିବାକୁ ଦାବି କରିଥିଲେ। ନଚେତ ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହେବ ବୋଲି ସମ୍ପାଦକ ମହାନ୍ତି ପ୍ରକାଶ କରିଥିଲେ। ସଂଘର ନରେଶ ପାଢ଼ୀ, ଶରତ ଗୌଡ଼, ବିଷ୍ଣୁ ସାହୁଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଘରୋଇ ବସ୍ ମାଲିକଉପସ୍ଥିତ ଥିଲେ।

# ୫ ଦଫା ଦାବି ନେଇ ଜେଲ କର୍ମଚାରୀଙ୍କ ଆମରଣ ଅନଶନ

**ଜୟପୁର/କୋରାପୁଟ, ୨୫।୯ (ପବନ ପାଣିଗ୍ରାହୀ/ଅମିତାଭ ବେହେରା)**

କୋରାପୁଟ ଓ ଜୟପୁର ସ୍ୱତନ୍ତ୍ର କାରାଗାର ପରିସରରେ ସୋମବାର ଜେଲ କର୍ମଚାରୀମାନେ ଆମରଣ ଅନଶନରେ ବସିଛନ୍ତି। ଆଲ ଓଡିଶା ଜେଲ କର୍ମଚାରୀ ସଂଘର ଆହ୍ୱାନରେ ୫ଦଫା ଦାବି ନେଇ ଏହି ଅନଶନ ଆରମ୍ଭ ହୋଇଛି। ୱାର୍ଡର ମାନଙ୍କ ଗ୍ରେଡ ପେ ୧୯ ଶହରୁ ୨ ହଜାର ଓ ଚିଫ୍ ୱାର୍ଡରଙ୍କ ଗ୍ରେଡ ପେ ୨ ହଜାରରୁ ୨ ହଜାର ୪ ଶହକୁ ବୃଦ୍ଧି କରିବା, କାରାରକ୍ଷୀରୁ ମୁଖ୍ୟ କାରାରକ୍ଷୀ ପାଇଁ ପୁରୁଣା ପଦୋନ୍ନତି ନିୟମ ବରିଷ୍ଠତା ଭିତ୍ତିରେ ୨୦୧୨ରୁ ଲାଗୁ କରିବା, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟ ଭତ୍ତା ୪ ଶହରୁ ୧୪ ଶହକୁ ବୃଦ୍ଧି ଆଦି ଦାବି ରହିଛି। ଆଲ ଓଡିଶା ଜେଲ କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ଦିପ୍ତି ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏହି ଆମରଣ ଅନଶନ ଚାଲିଛି। ସୂଚନାଯୋଗ୍ୟ, ପୂର୍ବରୁ ଅନେକ ଥର କର୍ମଚାରୀମାନେ ମାନଙ୍କ ଦାବିପୂରଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୧୩ ତାରିଖରୁ ୨୪ ତରିଖ ଯାଏ କଳାବ୍ୟାଜ ପରିଧାନ କରିଥିଲେ। ମାତ୍ର ରାଜ୍ୟ ସରକାର ଦାବି ପୂରଣ ନ କରିବାରୁ ଶେଷରେ ଆମରଣ ଅନଶନରେ ବସିଛନ୍ତି। ସେହିପରି କୋରାପୁଟରେ ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଆମରଣ ଅନଶନ ଦାବିପୂରଣ ନ ହେବା ଯାଏ ଚାଲିବ ବୋଲି ନେତବୃନ୍ଦମାନେ କହିଛନ୍ତି। କୋରାପୁଟରେ ସଂଘ ସମ୍ପାଦକ ଗଦାଧର ପ୍ରଧାନ, ଉପସଭାପତି ଅମିତ ପ୍ରଧାନଙ୍କ ସମେତ ସମସ୍ତ କାରାରକ୍ଷୀ ଏଥିରେ ସାମିଲ ହୋଇଛନ୍ତି।



ଜୟପୁରରେ ଧାରଣାରେ ବସିଥିବା ଜେଲ କର୍ମଚାରୀ ।

# ଜରଟି ଗ୍ରାମ ନିକଟସ୍ଥ ଭୂସ୍ଖଳନ ସ୍ଥଳ ପରିଦର୍ଶନ କଲେ ଡିଆରଏମ୍

**କୋରାପୁଟ, ୨୫।୯(ଅମିତାଭ ବେହେରା)**

କୋରାପୁଟ ଜିଲା ମାନବାର-ଜରଟି ରେଳ ଷ୍ଟେଶନ ମଝି ତଥା କୋରାପୁଟ-କିରନ୍ଦୁଲ ରେଳ ଲାଇନ୍‌ରେ ଶନିବାର ରାତିରେ ଭୂସ୍ଖଳନ ଯୋଗୁ ପାହାଡ଼ରୁ ମାଟି ଓ ପଥର ଖସି ରେଳ ଧାରଣାରେ ପଡିଥିଲା। ଫଳରେ ଏହି ରୁଟ୍‌ରେ ଚଳାଚଳ କରୁଥିବା ସମସ୍ତ ଟ୍ରେନ ବାତିଲ ହୋଇଥିଲା। ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ରେଲୱେ କର୍ମଚାରୀ ମରାମତି କାର୍ଯ୍ୟରେ ଲାଗିଥିଲେ। ସୋମବାର ବିଶାଖାପାଟଣା ରେଲୱେ ଡିଭିଜନର ଡିଆରଏମ ସୌରଭ ପ୍ରସାଦ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଜରଟି ଗ୍ରାମ ନିକଟରେ ଥିବା ଭୂସ୍ଖଳନ ଅଞ୍ଚଳ ପରିଦର୍ଶନ କରିବା ସହ ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା କାର୍ଯ୍ୟ ସମୀକ୍ଷା କରିଥିବା ଜଣାଯାଇଛି।

ବର୍ତ୍ତମାନ ଏହି ରେଳଧାରଣାରୁ ମାଟି ଓ ପଥର ହଟାଇବାକୁ ଉଦ୍ଧାର କାର୍ଯ୍ୟରେ ୨୨ଟି ଜେସିବି ଓ ୧୮ଟି ଟିପ୍ପର ନିୟୋଜିତ ହୋଇଛି। ଆହୁରି ୨/୩ ଦିନ ଏହି କାର୍ଯ୍ୟ ଚାଲିବ। ବିଭାଗର ପ୍ରାୟ ୨ଶହ କର୍ମଚାରୀ ଏଥିରେ ନିୟୋଜିତ ରହିଥିବା ଡିଆରଏମ ପ୍ରସାଦ କହିଛନ୍ତି। ଏହି ଅବରୋଧ ଯୋଗୁ ସୋମବାର ଭୁବନେଶ୍ୱର-ଜଗଦଲପୁର ଏକ୍ସପ୍ରେସ ଭୁବନେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଆସି ମଙ୍ଗଳବାର ସନ୍ଧ୍ୟାରେ କୋରାପୁଟରୁ ଭୁବନେଶ୍ୱର ଯାତ୍ରା କରିବ । ସେହିପରି ସୋମବାର ରାଉରକେଲା-ଜଗଦଲପୁର ଏକ୍ସପ୍ରେସ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ କରି ଏହି ଟ୍ରେନ ମଙ୍ଗଳବାର ସକାଳୁ କୋରାପୁଟରେ ପହଞ୍ଚି ଅପରାହ୍ନରେ କୋରାପୁଟରୁ ରାଉରକେଲା ଯାତ୍ରା କରିବ। ସୋମବାର ରାତିରୁ ବିଶାଖାପାଟଣା-କିରନ୍ଦୁଲ ଏକ୍ସପ୍ରେସ ବିଶାଖାପାଟଣାରୁ ବାହାରି ମଙ୍ଗଳବାର ଭୋର ସମୟରେ କୋରାପୁଟରେ ପହଞ୍ଚିବ। ରାତିରେ କୋରାପୁଟରୁ ବିଶାଖାପାଟଣା ଯାତ୍ରା କରବ। ମଙ୍ଗଳବାର ବିଶାଖାପାଟଣାରୁ ବାହାରିବାକୁ ଥିବା ବିଶାଖାପାଟଣା ପାସେଞ୍ଜର ଟ୍ରେନ ଆରକୁ ଯାଏ ଚଳାଚଳକରି ସେଠାରୁ ପୁଣି ବିଶାଖାପାଟଣା ଫେରିଯିବ । ସେହିପରି ହାୱଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ହାଓଡାରୁ ଟିଟିଲାଗଡ ଯାଏ ଚଳାଚଳ କରି ମଙ୍ଗଳବାର ଟିଟିଲାଗଡରୁ ପୁଣି ହାଓଡା ପ୍ରତ୍ୟାବର୍ତ୍ତନ କରିବ ବୋଲି ବିଶାଖାପାଟଣା ରେଲୱେ ଡିଭିଜନ ପକ୍ଷରୁ କୁହାଯାଇଛି।



# ଧାରଣାରେ ବସିଲେ ଅନୁଦାନରୁ ବଞ୍ଚିତ କର୍ମଚାରୀ

**ଦଶମନ୍ତପୁର,୨୫।୯( ଅରବିନ୍ଦ ନାୟକ )**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନୁଦାନରୁ ବଞ୍ଚିତ ଥିବା କର୍ମଚାରୀମାନେ ୪ ଦଫା ଦାବି ନେଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ସୋମବାର ଧାରଣା ଦେଇଥିବା ଦେଖିବାକୁ ମିଳିଛି। ନିଖିଳ ଓଡ଼ିଶା ୬୬୨ (+୨ ଓ+୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଏହି ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଧାରଣାରେ ବସିଥିବା ଜଣାପଡ଼ିଛି। ସେମାନଙ୍କ ଦାବିଗୁଡିକ ହେଲା ଚାକିରି ସର୍ତ୍ତାବଳୀ ସହ ପେନସନ, ସମାନ ଗ୍ରେଡ଼ ପେ କୁ ସମାନ ବେତନ ପ୍ରଦାନ କରିବା,୨୦୧୪ ଓ ୨୦୧୮ ଜିଓ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନରେ ସାମିଲ କରି ଦରମାଦେବା ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ଯେଉଁ କର୍ମଚାରୀମାନେ ଅନୁଦାନରୁ ବଞ୍ଚିତ ଅଛନ୍ତି ସେମାନଙ୍କୁ ତୁରନ୍ତ ଅନୁଦାନ ପରିସରଭୁକ୍ତ କରିବା ଆଦି ସେମାନଙ୍କ ଦାବି ରହିଛି। ଏପରି ଧାରଣା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିଯୋଗୁ ପିଲାଙ୍କ ପାଠପଢା ବନ୍ଦ ଯୋଗୁ ଅସନ୍ତୋଷ ଦେଖା ଦେଇଛି। ଧାରଣାରେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ସୁକାନ୍ତ ବାଣୁଆ, ପତିତପାବନ ସେନାପତି, କୃଷ୍ଣଚନ୍ଦ୍ର ମହାପାତ୍ର, ମକୋର ସଗର, ଜଗନ୍ନାଥ ମୁଦୁଲି, ରୋଜାଲିନ ଗରଡ଼ା ପ୍ରମୁଖ ସାମିଲ ହୋଇଥିବା ଜଣାପଡିଛି।




ଆନ୍ଦୋଳନରେ ସାମିଲ ହୋଇଥିବା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ।

# ଜାତୀୟ ରାଜପଥ ଉପରେ ବସୁଛି ହାଟ

**ଲକ୍ଷ୍ମୀପୁର, ୨୫।୯ (ଅନନ୍ତ ନାୟକ)**

- ଅବ୍ୟବସ୍ଥା ହେତୁ ହାଟ ପିଣ୍ଡିକୁ ଯାଉନାହାନ୍ତି ବ୍ୟବସାୟୀ
- ରାସ୍ତା ସଙ୍କୁଚିତ ହୋଇ ସୃଷ୍ଟି ହେଉଛି ଟ୍ରାଫିକ୍ ସମସ୍ୟା
- ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ: ଆରଏମ୍‌ସି ସମ୍ପାଦକ

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର କାକିରିଗୁମାରେ ପ୍ରତିସୋମବାର ସାପ୍ତାହିକ ହାଟ ବସିଥାଏ। ଏହି ହାଟ ଉପରେ ଏହି ଅଞ୍ଚଳର ୭ଟି ପଞ୍ଚାୟତର ୧୦୦ଟି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ହାଟକୁ କୋରାପୁଟ,ରାୟଗଡ଼ ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ ସଂଯୋଗ କରୁଥିବାରୁ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ବ୍ୟବସାୟୀମାନେ ବ୍ୟବସାୟ କରିବାକୁ ଏଠାକୁ ଆସିଥାନ୍ତି। ହାଟକୁ ଆସୁଥିବା ଚାଷୀ ଏବଂ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ବ୍ୟବସ୍ଥା ଥିଲେ ମଧ୍ୟ ହାଟ ଭିତରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇ ରହିଥିବାରୁ ବ୍ୟବସାୟ କରିବାକୁ ଉକ୍ତ ପିଣ୍ଡିକୁ କେହି ଯାଆନ୍ତିନାହିଁ। ଜାତୀୟ ରାଜପଥ କଡ଼ରେ ବସି ସମସ୍ତେ ପନିପରିବାଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ବିକ୍ରି କରିଥାନ୍ତି। ବ୍ୟବସାୟୀଙ୍କ ପାଇଁ ଜାତୀୟ ରାପଥ ସଙ୍କୁଚିତ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ସାଧାରଣ ଲୋକେ ଯାତାୟାତରେ ଅସୁବିଧା ଭୋଗିଥାନ୍ତି। ଏହି ହାଟରୁ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ବ୍ୟବସାୟୀଙ୍କ ଟିକସ ଆଦାୟ କରୁଥିଲେ ମଧ୍ୟ ହାଟର ଉନ୍ନତି ଲାଗି ଆଖି ବୁଜି ଦେଇଛି। ଏ ନେଇ ଆର୍‌ଏମସି ସମ୍ପାଦକ ଅରୁଣ ଜେନାଙ୍କୁ ପଚାରିବାରୁ ସେ କହିଲେ କାକିରିଗୁମାର ସ୍ଥାନୀୟ ଦୋକାନୀମାନେ ଆବର୍ଜନାଗୁଡ଼ିକ ହାଟ ସ୍ଥଳରେ ଜମା କରୁଛନ୍ତି, ଯାହାଫଳରେ ଏପରି ସମସ୍ୟା ଉପୁଜୁଛି। ଯେଉଁମାନେ ଏପରି ଅବ୍ୟବସ୍ଥା କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଖୁବ୍‌ଶୀଘ୍ର ହାଟର ଉନ୍ନତି ନେଇ ପଦକ୍ଷେପ ନିଆଯିବ ବୋଲି ସମ୍ପାଦକ ଜେନା କହିଥିଲେ।



ରାସ୍ତାକଡରେ ବସି ବ୍ୟବସାୟ କରୁଥିବା ବ୍ୟବସାୟୀ।

**୩୨ ଅଭିଯୋଗ ଶୁଣିଲେ ଜିଲାପାଳ**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଧୀନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣିରେ ଏସ୍‌ପି ବିବେକାନନ୍ଦ ଶର୍ମା, ଉପଜିଲାପାଳ ଭୀମସେନ ଶବରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସମୁଦାୟ ୩୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୭ଟି ସାମୂହିକ ଅଭିଯୋଗ ହୋଇଥିଲା । ଜିଲାପାଳ ଏହି ଅଭିଯୋଗ ପାଇଲା ପରେ ତୁରନ୍ତ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

**ସଂକ୍ଷେପରେ**

## ନାବାଳିକା ବଳାତ୍କାର ଘଟଣାକୁ କଂଗ୍ରେସର ନିନ୍ଦା

ଗୁଣପୁର,୨୫।୯ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ପୂର୍ତ୍ତବିଭାଗ ବଙ୍ଗଳାଠାରେ ଯୁବ କଂଗ୍ରେସ ଏକ ଖବରଦାତା ସମ୍ମିଳନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଯୁବ କଂଗ୍ରେସ ରାଜ୍ୟ ପ୍ରବକ୍ତା ଅଭିନାଶ ଗମାଙ୍ଗ ଏଥିରେ ଯୋଗଦେଇ କାଶୀପୁର ବ୍ଲକର ଡଙ୍ଗାସିଲି ସ୍କୁଲଠାରେ ଛାତ୍ରୀଙ୍କ ପ୍ରତି ହୋଇଥିବା ଘଟଣାରେ ତୀବ୍ର ନିନ୍ଦା କରିଥିଲେ। ଏଥିସହ ପୀଡିତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ସହ ପୀଡିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଏଥିସହ କାଶୀପୁର ବ୍ଲକର ସିଜିମାଳି ଏବଂ କୁଟ୍ରୁମାଳି ଅଞ୍ଚଳରେ ଖଣି ଖନନକୁ ନେଇ ଗତ ୨ ମାସ ହେବ ଯେଉଁ ଘଟଣା ଘଟି ଚାଲିଛି ତାହାକୁ ନେଇ ମଧ୍ୟ ସେ ନିଜର ମତ ରଖିଥିଲେ। ଖଣି ଖନନ କରି ସେଠାରେ କାରଖାନା ନିର୍ମାଣ କରାଯାଇ ଅଞ୍ଚଳର ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯିବାକୁ ସେ ଦାବି କରିଥିଲେ। ସେଠାରେ ଖଣି ଖନନ କରି ଯଦି ଅନ୍ୟତ୍ର ଚାଲାଣ କରାଯାଏ ତେବେ ଯୁବ କଂଗ୍ରେସ ଏହାର ଦୃଢ ପ୍ରତିବାଦ କରିବ ବୋଲି ଅଭିନାଶ କହିଛନ୍ତି।

## ବିଶ୍ୱ ଫାର୍ମାସୀ ଦିବସ



ଗୁଣପୁର, ୨୫।୯ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଉପାଧ୍ୟକ୍ଷ ଡ. କାହ୍ନୁଚରଣ ପାଣିଗ୍ରାହୀ, ଅଧ୍ୟାପକ ଜଗଦୀଶ ଖୁଣ୍ଟିଆ, ପ୍ରଶାସନିକ ଅଧିକାରୀ ପି.ଭି.କୋଟେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ପିଲାମାନେ ପ୍ରଥମେ ଏକ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ ମାଧ୍ୟମରେ ଅଙ୍ଗଦାନ ଏକ ମହତ୍ୱ କାମ ବୋଲି କହି ଲୋକଙ୍କୁ ଅଙ୍ଗଦାନ କରିବା ପାଇଁ ବୁଝାଇଥିଲେ। ମହାବିଦ୍ୟାଳୟ ପରିସରରେ ଔଷଧିୟ ଚାରାରୋପଣ କରାଯାଇଥିଲା। ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସାହୁ ଲୋକଙ୍କ ସେବା ନେଇ ଫାର୍ମାସିଷ୍ଟମାନେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## କଂଗ୍ରେସର ଘରେ ଘରେ ହାତ କାର୍ଯ୍ୟକ୍ରମ ଶୁଭାରମ୍ଭ

ଗୁଣପୁର,୨୫।୯ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଅନ୍ତର୍ଗତ କୁଲୁସିଂ ପଞ୍ଚାୟତ କାଡାସି ଗ୍ରାମରୁ ସୋମବାର ସନ୍ଧ୍ୟାରେ ଘରେ ଘରେ ହାତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ଗୁଣପୁର ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଅଭିନାଶ ଗମାଙ୍ଗ, ଗୁଣପୁର ବ୍ଲକ କିଶାନ କଂଗ୍ରେସର ସଭାପତି ଗମ୍ଭିର ଶବରଙ୍କ ସମେତ ବହୁ କଂଗ୍ରେସ ନେତା ଏବଂ କର୍ମୀମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ୨୫ ରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ସବୁଠାରେ ଚାଲିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା

■ ସମସ୍ୟା ଘେରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ

■ ୫ କି.ମି ଚାଲିକି ଆସି ପ୍ରତିବାଦ କଲେ ଛାତ୍ରୀଛାତ୍ର

ଗୁଣପୁର,୨୫।୯(ପ୍ରଦୀପ କୁମାର ପାଢ଼ୀ)



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ରାୟଗଡା ଜିଲା ଗୁଣପୁର ସହର ବିକ୍ରମପୁରଠାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାର ପ୍ରତିବାଦରେ ସୋମବାର ସ୍କୁଲର ଛାତ୍ରୀଛାତ୍ର ୫ କି.ମି ଦୂର ଚାଲି ଚାଲି ଆସି ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଧାରଣା ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ର ଏକ ସ୍ମାରକପତ୍ର ସହକାରୀ ଜିଲାପାଳ ସତ୍ୟଜିତ ନାୟକଙ୍କୁ ପ୍ରଦାନ କରିଥିଲେ। ପରେ ପ୍ରଶାସନ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରି ସ୍କୁଲକୁ ନେଇଥିଲେ। ବିଦ୍ୟାଳୟ ପରିସରରେ ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଗୁଣପୁର ଆଇଟିଡିଏର ପିଏ ଶାନ୍ତିପ୍ରଭା ପ୍ରଧାନ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ବିଦ୍ୟାଳୟକୁ ଯାଇ ପିଲାଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ସମସ୍ତ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ପିଲାଙ୍କୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ସ୍କୁଲରେ ୬ଷ୍ଠ ଶ୍ରେଣୀରୁ ଏକାଦଶ ପର୍ଯ୍ୟନ୍ତ ପିଲାମାନେ ପାଠ ପଢୁଥିବାବେଳେ ବିଭିନ୍ନ ସମସ୍ୟା ଯୋଗୁ ବର୍ଷକୁ ବର୍ଷ ପିଲାଙ୍କ ସଂଖ୍ୟା କମିବାରେ ଲାଗିଛି। ନିକଟରେ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୧୦୦ କୋଟି ଟଙ୍କା ଆସିଥିଲା। ହେଲେ ତାହା କେଉଁଠାରେ ଏବଂ କିପରି ଖର୍ଚ୍ଚ ହେଲା ତାହା ଜଣାପଡୁନାହିଁ। ଏହା ଏକ ଆବାସିକ ବିଦ୍ୟାଳୟ ହୋଇଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ପିଲାଙ୍କୁ ୟୁନିଫର୍ମ ଦେଉନାହାନ୍ତି। ୨୦୨୨-୨୩ ଭିତରେ ସେମାନଙ୍କୁ କୌଣସି ସାମଗ୍ରୀ ପ୍ରଦାନ କରାଯାଇ ନାହିଁ। ଏଥିସହିତ ହଷ୍ଟେଲ, ଏକାଡେମିକ ବାରଣ୍ଡା, ଛାତ, କାନ୍ଥ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଥିବାବେଳେ ବର୍ଷା ହେଲେ ଡାଇନିଂ ହଲରୁ ପାଣି ଗଳୁଛି। ହଷ୍ଟେଲ ରୁମରେ ପାଣି ପଶୁଥିବାବେଳେ ଡାଇନିଂ ହଲରେ ପିଲାମାନେ ବସିବାକୁ ଜାଗା ନାହିଁ, ଶୌଚାଳୟରେ ପାଣିର ସୁବିଧା ନ ଥିବାବେଳେ ପରିଷ୍କାର କରାଯାଉ ନାହିଁ, ଖେଳ ସମୟରେ କାମ କରିବା ପାଇଁ କୁହାଯାଉଛି। ଏପରିକି ଖେଳ ପଡିଆ ସମତଳ କରାଯାଉ ନ ଥିବାରୁ ସେମାନେ ଖେଳିପାରୁନାହାନ୍ତି । ସେମାନଙ୍କୁ କୌଣସି ସ୍ୱାଧୀନତା ମିଳୁ ନ ଥିବାବେଳେ ସେମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଉଥିବାରୁ ସେମାନେ ମାନସିକ ଅଶାନ୍ତିରେ ରହୁଛନ୍ତି। ଫଳରେ ଭଲରେ ପାଠ ପଢିପାରୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସ୍କୁଲରେ ଆବଶ୍ୟକ ଶିକ୍ଷକ ଶିକ୍ଷୟତ୍ରୀ ନ ଥିବା ସେମାନେ କହିଛନ୍ତି। ସ୍କୁଲର ସମସ୍ୟା ବିଷୟରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

■ ଗଣେଶ ବିସର୍ଜନ ବେଳେ ଭାସିଯାଇଥିଲେ ଯୁବକ

■ ୫ ଦିନ ପରେ ଆନ୍ଧ୍ର ଡ୍ୟାମ୍‌ରୁ ମିଳିଲା ମୃତଦେହ

ରାୟଗଡ଼ା,୨୫।୯(ଆଶିଷ ରଞ୍ଜନ ପଣ୍ଡା)

ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇ ୨୦ ତାରିଖରେ ସହର ଉପକଣ୍ଠ ନାଗାବଳୀ ନଦୀରେ ଭାସି ନିଖୋଜ ହୋଇଥିବା ବ୍ୟକ୍ତିଙ୍କ ମୃତଦେହ ସୋମବାର ଆନ୍ଧ୍ରପ୍ରଦେଶ ରାଜ୍ୟର ତୋଟାପଲ୍ଲୀ ଡ୍ୟାମରୁ ଜବତ ହୋଇଛି। ରାୟଗଡ଼ା ମାଙ୍କଡ଼ଝୋଲା ବସ୍ତିର ଶ୍ରୀନିବାସ ଅଶୋକ କୁମାର ନଦୀରେ ଭାସି ନିଖୋଜ ହେବା ପରଠାରୁ ଅଗ୍ନିଶମ ବିଭାଗ କର୍ମଚାରୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ସୋମବାର ଆନ୍ଧ୍ରପ୍ରଦେଶ ରାଜ୍ୟ ତୋଟାପଲ୍ଲୀ ଡ୍ୟାମରେ ଏକ ଅଜଣା ମୃତଦେହକୁ ଡ୍ୟାମ କର୍ତ୍ତୃପକ୍ଷ ଜବତ କରିଥିଲେ । ଏହି ଖବର ପାଇବା ପରେ ଅଶୋକଙ୍କ ପରିବାରବର୍ଗ ସେଠାକୁ ଯାଇ ତାହା ଅଶୋକଙ୍କ ମୃତଦେହ ବୋଲି ଚିହ୍ନଟ କରିଥିବା ଜଣାପଡ଼ିଛି। ନିଖୋଜ ଅଶୋକଙ୍କ ମୃତ୍ୟୁର ଖବର ଶୁଣିବା ପରେ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ପ୍ରକାଶ ଥାଉକି, ବୁଧବାର ଅପରାହ୍ନ ୩ଟା ସମୟରେ ଅଶୋକ ତାଙ୍କ ମା'ଙ୍କ ସହିତ ନାଗାବଳୀ ନଦୀରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ । ମା' ଉପରେ ଛିଡ଼ା ହୋଇଥିବା ବେଳେ ଅଶୋକ ନଦୀକୁ ଯାଇ ମୂର୍ତ୍ତି ବିସର୍ଜନ କରୁଥିଲେ। ପ୍ରବଳ ବର୍ଷା ଯୋଗୁ ନଦୀ କୂଳରେ ମାଟି ଅତଡା ଖସିବା ସହ ଶିଉଳି ହୋଇଥିବାରୁ ସେ ନଦୀ ଭିତରକୁ ଖସି ପଡ଼ିବା ପରେ ନଦୀ ସ୍ରୋତରେ ଭାସି ଯାଇଥିଲେ । ଏହା ଦେଖି ତାଙ୍କ ମା ପୁଅକୁ ବଞ୍ଚାଇବା ପାଇଁ ପାଟି କରିବାରୁ କିଛି ଯୁବକ ସେଠାରେ ପହଞ୍ଚି ତୁରନ୍ତ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ । ଖବରପାଇ ଦମକଳବାହିନୀ କର୍ମଚାରୀ ପହଞ୍ଚି ପୋଲଠାରୁ ଆରମ୍ଭ କରି ଝୁଲା ପୋଲ ଏବଂ ଏହାର ଆଖପାଖ ଅଞ୍ଚଳ ଖୋଜାଖୋଜି କରିଥିଲେ ମଧ୍ୟ ଅଶୋକଙ୍କ କୌଣସି ପତ୍ତା ମିଳି ନ ଥିଲା ।

# ପୋଲ ନାହିଁ, ଗର୍ଭବତୀଙ୍କୁ କାନ୍ଧରେ ବୋହି ନଦୀ ପାର



ଆଶା ଓ ଅଙ୍ଗନୱାଡି କର୍ମୀ ଗର୍ଭବତୀଙ୍କୁ କାନ୍ଧରେ ବୋହି ନଦୀ ପାର କରୁଛନ୍ତି।

**କାଶୀପୁର ବ୍ଲକର ବହୁ ଅଞ୍ଚଳ ଅପହଞ୍ଚ**

ରାୟଗଡ଼ା, ୨୫।୯ (ଆଶିଷ ରଞ୍ଜନ ପଣ୍ଡା)

ଖଣି ଓ ଖଣି ଖନନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥିବା ରାୟଗଡା ଜିଲାର କାଶୀପୁର ବ୍ଲକ ଏବେ ମଧ୍ୟ ବିକାଶଠାରୁ ବହୁ ଦୂରରେ ରହିଛି । ଜିଲାକୁ ଖଣିଜ ପାଣ୍ଠି ମିଳୁଥିଲେ ମଧ୍ୟ ଖଣି ଯୋଗାଉଥିବା କାଶୀପୁର ବ୍ଲକର ଅନେକ ଅଞ୍ଚଳକୁ ଗମନାଗମନର ସୁବିଧା ନାହିଁ। ଡଙ୍ଗାସିଲ ପଞ୍ଚାୟତ ବେଲଗଛଡୁଣ୍ଡା ଗ୍ରାମ ନିକଟସ୍ଥ ନଦୀରେ ପୋଲ ନ ଥିବାରୁ ଆମ୍ବୁଲାନ୍ସ ଗାଁ ଆସିପାରି ନ ପାରି ସେଠାରେ ଅଟକି ରହିଥିଲା। ଗର୍ଭବତୀଙ୍କୁ ପ୍ରାୟ ୫କି.ମି କାନ୍ଧରେ ବୋହି ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା ।

ଘଟଣାରୁ ପ୍ରକାଶ ଯେ, ଡଙ୍ଗାସିଲ ପଞ୍ଚାୟତ କୁନ୍ଦୁରୁସିଲା ଗ୍ରାମର ତିଲାଇ ମାଝିଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ବେଲଗଛଡୁଣ୍ଡା ଗ୍ରାମ ନିକଟସ୍ଥ ନଦୀରେ ପୋଲ ନଥିବାରୁ ଆମ୍ବୁଲାନ୍ସ ସେଠାରେ ଅଟକି ରହିଥିଲା । ଆଶା କର୍ମୀ ମାଜେଣି ମାଝି, ଅଙ୍ଗନୱାଡି କର୍ମୀ ଗୁଲମେ ମାଝି ଓ ଗ୍ରାମବାସୀ ଗର୍ଭବତୀ ତିଲାଇଙ୍କୁ କାନ୍ଧରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଡଙ୍ଗାସିଲ ଆଣି ସେଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତିଲାଇ ଏକ କନ୍ୟା ସନ୍ତାନକୁ ଜନ୍ମଦେଇବା ଜଣାପଡ଼ିଛି। ସୂଚନା ଯୋଗ୍ୟ, କାଶୀପୁର ବ୍ଲକରେ ଥିବା ୨୪ ପଞ୍ଚାୟତ ମଧ୍ୟରୁ ଡଙ୍ଗାସିଲ ପଞ୍ଚାୟତର ପ୍ରାୟ ଅଞ୍ଚଳକୁ ଗମନାଗମନର ସୁବିଧା ନାହିଁ। କାଶୀପୁର ବ୍ଲକରେ ରହିଥିବା ଗମନାଗମନ ସମସ୍ୟାକୁ ନେଇ ରାୟଗଡା ବିଧାୟକ ମକରନ୍ଦ ମୁଦୁଲିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।

# ଭାଜପାର ଶିରିଝୋଲି ପଞ୍ଚାୟତ ଅଫିସ୍ ଘେରାଉ

ଗୁଣପୁର,୨୫।୯ (ପ୍ରଦୀପ କୁମାର ପାଢ଼ୀ)



ପଞ୍ଚାୟତ କାର୍ଯ୍ୟାଳୟଠାରେ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୁଣପୁର ଭାଜପା ପକ୍ଷରୁ ୧୨ ଦଫା ଦାବି ନେଇ ସୋମବାର ଶିରିଝୋଲି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ ନିର୍ବାହି ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୩ୟ ଏବଂ ୪ର୍ଥ ଶ୍ରେଣୀ ନିଯୁକ୍ତି ପ୍ରକ୍ରିୟା ଜିଲାସ୍ତରରେ କରାଯିବା, ବିଦ୍ୟୁତ ଦେୟ ହ୍ରାସ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀ ଚିହ୍ନଟ କରି ପ୍ରଦାନ କରାଯିବା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅର୍ଥ ହେରଫେର ଘଟଣାର ତଦନ୍ତ କରାଯିବା, ପଞ୍ଚାୟତ ଉନ୍ନତି ପାଇଁ କେନ୍ଦ୍ର ସରକାର ପ୍ରଦାନ କରିଥିବା ବିଭିନ୍ନ ଅନୁଦାନ ଅର୍ଥର ସମ୍ପୂର୍ଣ୍ଣ ବିନିଯୋଗ କରିବା, ଶୌଚାଳୟ ନିର୍ମାଣ ଏବଂ ବଣ୍ଟନରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବା, କେନ୍ଦ୍ର ସରକାରଙ୍କ ଜଳଜୀବନ ମିଶନକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା, ଓଡିଶା ସରକାରଙ୍କ ଭୁଲ ତଥ୍ୟ ଯୋଗୁ ପ୍ରଧାନମନ୍ତ୍ରୀ କୃଷକ ସମୃଦ୍ଧି ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ କରିବା, ଓଡିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା, ପିସି କାରବାରକୁ ବନ୍ଦ କରାଯିବା ପାଇଁ ଦାବି କରାଯାଇଛି। ଜିଲା ଉପ ସଭାପତି ୱାଇ.ଗଣପତିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱିରାଜ ପାଢୀ, ଗୁଣପୁର ନଗର ସଭାପତି ଅମର କୁମାର ସାହୁ, ଜିଲା ସଂପାଦକ ଶ୍ରୀନିବାସ ସ୍ୱାଇଁଙ୍କ ସମେତ କିର୍ତ୍ତି କୁମାର ପଣ୍ଡା, ଜଗଦୀଶ ପାତ୍ର, ଜୟଦେବ ପଣ୍ଡା, ବାବୁଲା ପଟ୍ଟନାୟକ, ମୁଖି ଦିବାକର, ଅମିତ ଷଡଙ୍ଗି, ପ୍ରଶାନ୍ତ ସାହୁକାର ଏବଂ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

## ଗଣେଶଙ୍କ ଲଡୁ ନିଲାମ

ଟିକିରି,୨୫।୯(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ବଜାର ବଣିକ ସଂଘ ପକ୍ଷରୁ ଗଣେଶ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣେଶଙ୍କ ଲଡୁ ନିଲାମ କରାଯାଇଥିଲା। ସୋମବାର ଅପରାହ୍ନରେ ବଜାରର ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇ ଲଡୁ ନିଲାମ ହୋଇଥିଲା। ଏହି ଲଡୁକୁ ଟିକିରି ଆୟଙ୍ଗାର ବେକେରୀର ମାଲିକ ଇ ରଘୁ ୪୨ ହଜାର ୫୦୦ ଟଙ୍କାରେ ନିଲାମ ଡାକି ଲଡୁ ନେଇଥିଲେ। ପରେ ଗଣେଶଙ୍କୁ ସୁସଜ୍ଜିତ ମେଢରେ ଅସ୍ଥାୟୀ ପୂଜା ମଣ୍ଡପରୁ ବାହାରି ଟିକିରି ସହର ପରିକ୍ରମା କରିଥିଲେ । ଭସାଣି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ୟାଣ୍ଡବାଜା, ଢେମସା ନୃତ୍ୟ ଓ ଶିବ ପାର୍ବତୀ ନୃତ୍ୟ ପରିବେଷଣ କରାଯାଇଥିଲା। ସୋମବାର ୩ ହଜାର ଭକ୍ତଙ୍କ ପାଇଁ ବଣିକ ସଂଘ ତରଫରୁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ବଣିକ ସଂଘର ସଭାପତି ମନୋଜ ବେହେରାଙ୍କ ଅଧ୍ୟକ୍ଷତାରେ ବଣିକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଙ୍ଘର ପ୍ରଫୁଲ୍ଲ ସାହୁ, ଚିତ୍ତରଞ୍ଜନ ପଣ୍ଡା, ବିଦ୍ୟାଧର ନାୟକ, ସୀମାଞ୍ଚଳ ଷଡଙ୍ଗୀ, ମହେନ୍ଦ୍ର ସ୍ୱାଇଁ, ଡମ୍ବରୁ ସାହୁ, କୈଳାସ ସାହୁ, ସୁରେନ୍ଦ୍ର ପଣ୍ଡା, ସରୋଜ ସାହୁ ଓ ବଣିକ ସଂଘର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ବିଶ୍ୱ ଫାର୍ମାସୀ ଦିବସରେ ସଚେତନତା ଶୋଭାଯାତ୍ରା

ରାୟଗଡା,୨୫।୯ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡାସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ସୋମବାର ବିଶ୍ୱ ଫାର୍ମାସୀ ଦିବସରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଇଛି। ବରିଷ୍ଠ ଶିକ୍ଷାବିତ୍ ଡା. ଦୁଷ୍ମନ୍ତ କୁମାର ମହାନ୍ତି ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ଚିକିତ୍ସା ଜନିତ ସଚେତନତା ବାର୍ତ୍ତା ଦେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ବାହାରି ଗଜପତି ଛକ ନିକଟରେ ପହଞ୍ଚିଥିଲେ। ରୋଗ ବ୍ୟାପିବା ପୂର୍ବରୁ ସଚେତନ ହେବା, ସୁରକ୍ଷିତ ଉପଚାର କରିବା, ନିଜେ ସ୍ୱଚ୍ଛ ରହିବା ସହ ନିଜ ଚତୁଃପାର୍ଶ୍ୱକୁ ପରିଷ୍କାର ରଖିବା ଇତ୍ୟାଦି ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ସହର ପରିକ୍ରମା କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଡା. ରାଜେଶ କୁମାର ପାଢୀ କହିଛନ୍ତି ଯେ, ବିଭିନ୍ନ ସ୍ୱାସ୍ଥ୍ୟଜନିତ ବୈଷୟିକ ଯାନ୍ତ୍ରିକ ଉପକରଣ ପରିଚାଳନା, ରୋଗୀସେବା ତଥା ଟିକାକରଣରେ ସାମିଲ ହୋଇ ସେମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜାଗ୍ରତ ପ୍ରହରୀ ସାଜିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଫାର୍ମାସୀ ବିଭାଗ ଅଧ୍ୟକ୍ଷ ଚନ୍ଦ୍ରଶେଖର ପାତ୍ର, ଅଧ୍ୟାପକ ଲାଡି ଅଲିକ କୁମାର, ଅଭିନାଶ ପାତ୍ର, ହରଗୌରୀ ମିଶ୍ର, ଶ୍ୟାମସୁନ୍ଦର ରାଓ, ଶ୍ୟାମସୁନ୍ଦର ସାହୁଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।





ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ୫ ଦଫା ଦାବି ନେଇ ଜେଲ କର୍ମଚାରୀଙ୍କ ଅନଶନ

**ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜାରି ରହିବ ଅନଶନ**

ରାୟଗଡା/ଗୁଣପୁର, ୨୫।୯
(ଭାଗ୍ୟଶ୍ରୀ ମିଶ୍ର/ପ୍ରଦୀପ କୁମାର ପାଢ଼ୀ )



ଅନଶନରେ ବସିଥିବା ରାୟଗଡା ଉପକାରାଗାର କର୍ମଚାରୀ।

ରାୟଗଡା ଏବଂ ଗୁଣପୁର ଉପ କାରାଗାର କର୍ମଚାରୀ ସୋମବାର ୫ ଦଫା ଦାବି ପୂରଣ ପାଇଁ ଉପକାରଗାର ସମ୍ମୁଖରେ ଅନଶନ ଆରମ୍ଭ କରିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଅନଶନରୁ ଓହରିବେ ନାହିଁ। ଅନଶନ ସମୟରେ କୌଣସି କାରା କର୍ମଚାରୀ ଅସୁସ୍ଥ ହେଲେ କିମ୍ବା ମୃତ୍ୟୁବରଣ କଲେ ସେଥିପାଇଁ ରାଜ୍ୟ ସରକାର ଏବଂ ପ୍ରଶାସନ ଦାୟୀ ରହିବେ ବୋଲି ଆନ୍ଦୋଳନରତ ଜେଲ କର୍ମଚାରୀ ଚେତାବନୀ ଦେଇଛନ୍ତି। ଗତ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ହେଲେ ସେମାନଙ୍କ ଦାବିକୁ ସରକାର ପୂରଣ କରି ନ ଥିବାରୁ ସେମାନେ ସୋମବାରଠାରୁ ଆମରଣ ଅନଶନ ଆରମ୍ଭ କରିଥିବା ଗୁଣପୁର କାରାରକ୍ଷୀ ବିଶ୍ୱନାଥ ପଣ୍ଡା ସୂଚନା ଦେଇଛନ୍ତି।

# ଗଜାନନ ପୂଜା କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

ପଦ୍ମପୁର,୨୫।୯ (ପ୍ରଶାନ୍ତ କୁମାର କର)

ପଦ୍ମପୁର ମୁଖ୍ୟ ବଜାର ସୁପର ମାର୍କେଟ ଛକ ନିକଟରେ ଶ୍ରୀ ଗଜାନନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଥମ ଦିନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମର ମା' ଲିମେଶ୍ୱରୀ ନାଟ୍ୟକଳା ସଂସଦ ମୁଣ୍ଡୁଲା ତରଫରୁ ଭାରତଲୀଳା ପରିବେଷଣ ହୋଇଥିଲା। ଦ୍ୱିତୀୟ ଦିବସରେ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଏକ ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଏବଂ ଗ୍ରାମାଞ୍ଚଳର ଅନେକ ଲୁକ୍କାୟିତ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଅଞ୍ଚଳର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ମନୋଜ କୁମାର ଜେନା, ସୁପରିଚିତ ନୃତ୍ୟ ନିର୍ଦ୍ଦେଶକ ବି.ଆନନ୍ଦ ରାଓ ଏବଂ ଆଲବମ ଅଭିନେତା ଆଦିତ୍ୟ ମିଶ୍ର ଯୋଗଦେଇଥିଲେ। ପୂଜା କମିଟିର ଏହି କାର୍ଯ୍ୟକ୍ରମ ଦ୍ୱାରା ବହୁ ଲୁକ୍କାୟିତ କଳାକାର ମଞ୍ଚ ଉପରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ପାଇଛନ୍ତି। ଅତିଥି ଭାବେ ବରିଷ୍ଠ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏବଂ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର କର, ପଦ୍ମପୁର ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, କମିଟି ସଭାପତି ବୁଲୁଭାଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ସୁନୀଲ ମିଶ୍ର ଏବଂ ଚନ୍ଦନ ପରିଚାଳନା କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଶର୍ଗିଗୁଡା ଗ୍ରାମର ଦି ବଏଜ ଗ୍ରୁପ ପ୍ରଥମ, ତ୍ରିବେଣୀ ମହାବିଦ୍ୟାଳୟ ୨ୟ, ଗୁଡିଆବନ୍ଧର ବସନ୍ତ ଦେବୀ ବିଦ୍ୟାପୀଠ ଛାତ୍ରୀ ୩ୟ ଏବଂ ଜ୍ଞାନ ଜ୍ୟୋତି ମହାବିଦ୍ୟାଳୟର ବିଦ୍ୟାର୍ଥୀ ୪ର୍ଥ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଏହାସହ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାକୁ ଆଖପାଖ ଗ୍ରାମର ଲୋକଙ୍କ ଭିଡ଼ ଜମିଥିଲା। ବରିଷ୍ଠ ଖବରଦାତା ପ୍ରଶାନ୍ତ କୁମାର କର, ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଶତପଥୀ, ଚନ୍ଦନ, ଜିତୁ, ସାନ୍ଥୁଖା, ଗଣେଶଙ୍କ ସହ ପୂଜା କମିଟି ପକ୍ଷରୁ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ନୃତ୍ୟ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ବିଚାରକମଣ୍ଡଳୀ।

# ଭୂସ୍ଖଳନ ଭୟରେ ଝଞ୍ଜାବତୀ ନଦୀକୂଳ ଅଞ୍ଚଳବାସୀ

ରାୟଗଡା,୨୫।୯(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଥିବା ବସ୍ତିବାସିନ୍ଦାଙ୍କ ଘର ପଛ ପାର୍ଶ୍ୱରେ ରହିଛି ଝଞ୍ଜାବତୀ ନଦୀ । ଏହି ନଦୀ ଯୋଗୁ ବର୍ଷ ବର୍ଷ ଧରି ଜାରି ରହିଛି ଭୂସ୍ଖଳନ । ଚଳିତ ଲଗାଣ ବର୍ଷାରେ ତଥା ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନଦୀର ପ୍ରଖର ସ୍ରୋତରେ ନଦୀକୂଳିଆ ମାଟି ଅତଡା ଖସିବାରେ ଲାଗିଛି। ଫଳରେ ବିପଦରେ ରହିଛନ୍ତି ମା' ମଝିଘରିଆଣୀ ମନ୍ଦିର ସମ୍ମୁଖ ଚେକଗେଟ ସାହିର ୫୦ ପରିବାର। ଲଗାଣ ବର୍ଷା ପରେ ଏହି ଅଞ୍ଚଳର ଶତାଧିକ ଘର ଓ ଜମି ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କୌଣସି ମୁହୂର୍ତ୍ତରେ ବଡ଼ ଅଘଟଣ ଘଟିବା ଆଶଙ୍କା ଦେଖାଦେଇଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏ ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅଞ୍ଚଳବାସୀ ଅବଗତ କରାଇଥିଲେ ବି କିଛି ସୁଫଳ ମିଳୁନି । ତେଣୁ ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ବିପଦରୁ ସେମାନଙ୍କୁ ରକ୍ଷା କରିବା ନିମନ୍ତେ ନିବେଦନ କରିଛନ୍ତି । ଜିଲାପାଳଙ୍କ ସହ ଆଲୋଚନା କରାଯିବା ପରେ ପଦକ୍ଷେପ ଗ୍ରହଣ କରାଯାଇ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସାହିବାସିନ୍ଦାଙ୍କୁ ପ୍ରଧାନ ଜଣାଇଛନ୍ତି ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାୟଗଡା ପୌରାଞ୍ଚଳ ୱାର୍ଡ ନମ୍ବର ୧ ଅଧୀନ ଚେକ୍‌ଗେଟ ସାହିର ପଛପାଖରେ ପ୍ରବାହିତ ହେଉଛି ଚିରସ୍ରୋତା ଝଞ୍ଜାବତୀ ନଦୀ । ବର୍ଷ ବର୍ଷ ଧରି ନଦୀରେ ପ୍ରଖର ସ୍ରୋତ ଯୋଗୁ ମାଟି ଅତଡା ଖସିବାରେ ଲାଗିଛି । ନଦୀ ଉପର ଭାଗରେ ଥିବା

**ସୁରକ୍ଷା ପାଇଁ ସାହିବାସିନ୍ଦାଙ୍କ ନିବେଦନ**

ଚେକଗେଟ ସାହିର ଅନେକ ଘରର ପଛ ପଟରୁ ମାଟି ଅତଡା ଖସି ଯାଉଥିବାରୁ ଅନେକ ବାସିନ୍ଦାଙ୍କ ଘର ସୁରକ୍ଷା ପାଚେରି, ଘର କାନ୍ଥ, ରୋଷେଇ ଘର ଆଦି ନଦୀ ତଳକୁ ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି। ନଦୀ କୂଳରେ ବାରମ୍ବାର ଭୂସ୍ଖଳନ ଯୋଗୁ ଘର ବିପଦରେ ରହିଥିବା ସାହିବାସିନ୍ଦା ପ୍ରଶାସନଠାରୁ ଆରମ୍ଭ କରି ରାଜନେତା, ଲୋକ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ବିଜୟଲକ୍ଷ୍ମୀ, ସୁରେଶ କୁମାର ଦାଶ, ଜି.ଗଙ୍ଗା, ଲକ୍ଷ୍ମଣ ଦାସ, ଏ.ରାଧା, ଏଲ.ମୁରଲୀ, ଜି.ଧର୍ମା, ଜି.ନାଗା, ଜି.ମାଧବ, ଏ.ରାମ ମୂର୍ତ୍ତି, ସନ୍ତୋଷ ଦାସ, ମୁକ୍ତା ଗୌଡ, ମାଧବ ଗୌଡ, ଚନ୍ଦ୍ରଶେଖର ପୂଜାରୀ, ଦେବେନ୍ଦ୍ର ବେହେରା, ଫକିର ରାଜୁ ପ୍ରମୁଖ ପ୍ରକାଶ କରିଛନ୍ତି ।

# ଆସନ୍ତା ୨ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

- ଲକ୍ଷ୍ମୀ ଯୋଜନା
- ଭୁବନେଶ୍ୱରରୁ ମାଲକାନଗିରିରେ ପହଞ୍ଚିଲା ବସ୍

ମାଲକାନଗିରି,୨୫।୯(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନରେ ମାଲକାନଗିରି ଜିଲାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସୋମବାର ଭୁବନେଶ୍ୱରରୁ ମାଲକାନଗିରି ଜିଲାକୁ ପ୍ରଥମେ ଲକ୍ଷ୍ମୀ ଯୋଜନାରେ ବସ୍ ଯାଇ ପହଞ୍ଚିଛି। ମାଲକାନଗିରି ଜିଲାରେ ମୋଟ ୩୬ଟି ବସ୍ ଏହି ଯୋଜନାରେ ଚାଲିବାକୁ ଥିବା ବେଳେ ଯଥାଶୀଘ୍ର ସମସ୍ତ ବସ୍ ପହଞ୍ଚିବ ବୋଲି ଦାୟିତ୍ୱରେ ଥିବା ଇଞ୍ଜିନିୟର ବିଭୁ ପ୍ରସାଦ ତ୍ରିପାଠୀ ସୂଚନା ଦେଇଛନ୍ତି। ଜିଲାକୁ ସମସ୍ତ ୩୬ଟି ବସ୍ ଆସିବା ପରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଓଏସ୍‌ଆର୍‌ଟିସି ରାଜ୍ୟ ମୁଖ୍ୟ ଏବଂ ଜିଲାପାଳଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଏହାର ଉଦ୍‌ଘାଟନ କରିବେ ବୋଲି ତ୍ରିପାଠୀ ସୂଚନା ଦେଇଛନ୍ତି । ତେବେ ପ୍ରଥମେ ଏହି ଯୋଜନା ମାଧ୍ୟମରେ ବସ ମାଲକାନଗିରିରେ ପହଞ୍ଚି ଥିବାରୁ ଏହାକୁ ନେଇ ଜିଲାରେ ଖୁସି ପ୍ରକାଶ ପାଇଛି।



## ସଂକ୍ଷେପରେ

ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା

### ଆଉ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ସୂଚନା

ମାଲକାନଗିରି,୨୫।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଦନ୍ତେୱାଡା ଜିଲାରେ ଗତ ୨୦ ତାରିଖ ଦିନ ଅରନପୁର ଥାନା ଅନ୍ତର୍ଗତ ନହାଡି ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ୨ ମହିଳା ମାଓବାଦୀ ଲକମେ ଓ ମଙ୍ଗଲଙ୍କେର ମୃତ୍ୟୁ ଘଟିଥିବା ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ଏହି ଗୁଳି ବିନିମୟରେ ବହୁ ମାଓବାଦୀ ଆହତ ହୋଇଥିବା ମଧ୍ୟ ପୋଲିସ ସୂଚନା ଦେଇଥିଲା। ତେବେ ସେମାନଙ୍କ ମଧ୍ୟରୁ କେରଲପାଲ ଏରିଆ କମିଟି ସଭ୍ୟା ହିରେ ସପ୍ନା ନାମକ ୫ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀଙ୍କର ସୋମବାର ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ତେବେ ଘଟଣାର ୫ ଦିନ ବିତିଥିଲେ ସୁଦ୍ଧା ମାଓବାଦୀ ସଂଗଠନ ତରଫରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରେସ୍ ବିଜ୍ଞପ୍ତି ଜାରି ହୋଇ ନାହିଁ।

### ମୋ ସେବା କେନ୍ଦ୍ରର କାର୍ଯ୍ୟ ସମୀକ୍ଷା କଲେ ଉପଦେଷ୍ଟା

ଜୟପୁର, ୨୫।୯ (ପବନ ପାଣିଗ୍ରାହୀ)

ମୋ ସେବା କେନ୍ଦ୍ର ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଦୁଇଦିନିଆ କୋରାପୁଟ ଜିଲା ଗସ୍ତରେ ଆସିଛନ୍ତି। ସୋମବାର ସେ ଜୟପୁର ବ୍ଲକରେ ପହଞ୍ଚି ବିଡିଓ ରାଜୀବ ଦାସଙ୍କ ଆଲୋଚନା କରିଥିଲେ। ରଣ୍ଡାପାଲିସ୍ଥିତ ମୋ ସେବା କେନ୍ଦ୍ର ସହ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରଥିଲେ। କେତୋଟି ପଞ୍ଚାୟତରେ ମୋ ସେବା କେନ୍ଦ୍ର ରହିଛି ଏବଂ ଲୋକମାନେ କିପରି ସେବା ପାଉଛନ୍ତି ସେନେଇ ବିଡିଓଙ୍କ ପଚାରି ବୁଝିଥିଲେ। ଏହି ସମୟରେ ଏବିଡିଓ ମନୋଜ ନାୟକ ଉପସ୍ଥିତଥିଲେ। ପରେ ଉପଦେଷ୍ଟା ପଟ୍ଟନାୟକ ବୋରିଗୁମ୍ମା ଗସ୍ତରେ ଯାଇଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୨୫।୯ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡାଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି, ମାଗଣା ସ୍ୱାସ୍ଥ୍ୟସେବା ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରାଜୀବ ଦାସ,ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ ନିସା, ଏପିଓ ମାନସ ରଞ୍ଜନ କର, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ , ହଟିକଲଚର, କୃଷି ବିଭାଗ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଉପସ୍ଥିତ ଗ୍ରାମବାସୀ ବିଭାଗୀୟ ଅଧିକାରୀମାନଙ୍କୁ ନିଜ ଅଭିଯୋଗ ଜଣାଇଥିଲେ। ନୂତନ ରାସ୍ତା ନିର୍ମାଣ, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଅବସରରେ ହୋଇଥିବା ସ୍ୱାସ୍ଥ୍ୟସେବା ଶିବିରରେ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ।

# ୧୫ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଗିରଫ

ମାଲକାନଗିରି,୨୫।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମରାଜୁ ଜିଲା ପୋଲିସ ଦ୍ୱାରା ଜଣେ ୧୫ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସୋମବାର ଗିରଫ ହୋଇଛନ୍ତି। ସେ ହେଲେ ପଣ୍ଡା ଚରଣ ।

ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶ ସୀତାରାମରାଜୁ ଜିଲା ଚିଙ୍ଗୁର ଅଞ୍ଚଳ ଲଙ୍କାପାଲୀ ଗ୍ରାମ ନିକଟ ଜଙ୍ଗଲରେ ଆନ୍ଧ୍ର ପୋଲିସ କୋମ୍ବିଂ କରୁଥିବା ସମୟରେ ଜଣେ ମାଓବାଦୀଙ୍କୁ ଗିରଫ କରିଛି। ଉକ୍ତ ମାଓବାଦୀ ଜଣକ ସୁକୁମା ଜିଲା କଡଲପାଲ ଗ୍ରାମ ନିବାସୀ ହୋଇଥିବା ପୋଲିସ ସୂଚନା ଦେଇଛି। ଆନ୍ଧ୍ର ପୋଲିସ ନିକଟରେ ପୂର୍ବରୁ ଉକ୍ତ ମାଓବାଦୀଙ୍କ ଉପରେ ପ୍ରାୟ ୩୭ରୁ ଉର୍ଦ୍ଧ୍ୱ କେସ୍ ରହିଥିବା ବେଳେ ଆନ୍ଧ୍ର ଓ ଛତିଶଗଡ ପୋଲିସ ସହ ଯୋଗାଯୋଗ କରିବା ପରେ ଉକ୍ତ ମାଓବାଦୀଙ୍କ ନାମରେ ଛତିଶଗଡରେ ୧୨ରୁ ଉର୍ଦ୍ଧ୍ୱ କେସ୍ ଥିବା ସୂଚନା ମିଳିଛି। ତେବେ ସରକାରଙ୍କ ତରଫରୁ ଏହି ମାଓବାଦୀଙ୍କ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ବେଳେ ମାଓବାଦୀ ଜଣକ ଛତିଶଗଡରେ ୨୦୦୭ରୁ ସଂଗଠନରେ ଯୋଗଦେଇ ଜଣେ ସକ୍ରିୟ ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ୨୦୨୧ରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିବା ବେଳେ ଏହି ଗୁଳି ବିନିମୟରେ ୧୫ ଯବାନଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ମଧ ଏହି ମାଓବାଦୀ ଉପସ୍ଥିତ ଥିବା ପୋଲିସ ସୂତ୍ରରୁ ପ୍ରକାଶ। ତେବେ ମାଓବାଦୀ ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବିପୁଳ ପରିମାଣର ବିଭିନ୍ନ ସାମଗ୍ରୀ ଜବତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।



ଗିରଫ ମାଓବାଦୀ।

# ଓର୍କେଲ ପୋଲିସ ପକ୍ଷରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ବାଲିମେଳା,୨୫।୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଓର୍କେଲ ପୋଲିସ ପକ୍ଷରୁ କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନ କଣ୍ଡେଲ ଗ୍ରାମ ଶୈବପୀଠ ନିକଟରେ ସୋମବାର ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋମନାଥପୁର ପଞ୍ଚାୟତ ସରପଞ୍ଚ ମଞ୍ଜୁଳା ସୀସା ଯୋଗ ଦେଇଥିଲେ। ଏଥିରେ ତାଙ୍କ ସହିତ ଓର୍କେଲ ଥାନା ଏଏସ୍‌ଆଇ ମାନସୀ ଦାସ, ଏଏସଆଇ ସଞ୍ଜୀବ କୁମାର ଟାକ୍ରି, ହାବିଲଦାର ସୁଦର୍ଶନ ପଣ୍ଡା, ମିହିର କୁମାର ସାମଲ ଓ କନଷ୍ଟେବଳ ଇନ୍ଦୁମତୀ ବସନ୍ତରାୟଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୋମନାଥପୁର ପଞ୍ଚାୟତ କଣ୍ଡେଲ ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। କର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ହେଲା ଅଞ୍ଚଳରେ ବେଆଇନ ଭାବେ ହେଉଥିବା ଗଞ୍ଜେଇ ଚାଷ ଓ ଚୋରା ଚାଲାଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା, ଅନେକ ସମୟରେ ହେଉଥିବା ସାଇବର ଠକେଇରୁ କିପରି ବର୍ତ୍ତିବା,ବେଆଇନ ଭାବେ ଚାଲିଥିବା ମଦ କାରବାରକୁ ବନ୍ଦ କରିବା ସହ ସମସ୍ତେ ଜୁଆ ଖେଳକୁ ବାରଣ କରିବା, ମଦ୍ୟପାନ କରି ଗାଡି ନ ଚଳାଇବା, ବାଇକ୍ ଚଳାଇବା ବେଳେ ହେଲମେଟ ପିନ୍ଧିବା ଓ ବିଭିନ୍ନ ପ୍ରକାର ଆପରାଧିକ କାର୍ଯ୍ୟରେ ଲିପ୍ତ ନ ରହିବାକୁ ଥାନା ଅଧିକାରୀ ପଟ୍ଟନାୟକ, ପୋଲିସ ଅଧିକାରୀ ଓ ସରପଞ୍ଚ ସଚେତନ କରାଇଥିଲେ। ପୋଲିସକୁ ଭୟ ନ କରି ସର୍ବଦା ଜନସାଧାରଙ୍କ ନିମନ୍ତେ ପୋଲିସକୁ ସହଯୋଗ କରି ଅଞ୍ଚଳରୁ ଅପରାଧକୁ ମୂଳପୋଛ କରିବା ବୋଲି ଆଲୋଚନା ହୋଇଥିଲା। ତେବେ ଓର୍କେଲ ପୋଲିସ ପକ୍ଷରୁ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ପାଇଁ ଆରମ୍ଭ କରାଯାଇଥିବା ଆମ ପୋଲିସ ସମିତି କାର୍ଯ୍ୟକ୍ରମକୁ ଜନସାଧାରଣ ସ୍ୱାଗତ କରିବା ସହ ପ୍ରଶଂସା କରିଛନ୍ତି ।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ପାପଡାହାଣ୍ଡି,୨୫।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଲେଇଗୁଡ଼ାସ୍ଥିତ ଲାଲ ବାହାଦୁର ହାଇସ୍କୁଲରେ ୨ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଏବିଇଓ ବଳାକ ଦାସ ରନ୍ଧାରୀଙ୍କ ସଭାପତିତ୍ୱରେ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସିଆରସିସି ଅଭିମନ୍ୟୁ ଦାସ, ପ୍ରଧାନଶିକ୍ଷୟିତ୍ରୀ ଲିପିକା ଶତପଥୀ, ଏନ୍. ଜନାର୍ଦ୍ଦନ ରାଓ, ପିଟି ଗୁରୁଚରଣ ପ୍ରଧାନ, ପିଟି ମନରଞ୍ଜନ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଖେଳର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଭାତ ବିଶ୍ୱାଳ ଓ ଶେଖ ଯାଉଲ ହୁସେନ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ଅନ୍ୟ ପିଟି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଲାଲ ବାହାଦୁର ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।



## ୨ ଯୁବ ଫୁଟବଲ ଖେଳାଳିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଉମରକୋଟ,୨୫।୯(ସନ୍ତୋଷଶତପଥୀ)

ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨ଯୁବ ଫୁଟ୍‌ବଲ ଖେଳାଳି ତଥା ଚଡେଇଗୁଡା ଗ୍ରାମର ମହେଶ ଗଣ୍ଡ ଓ ଅଜୟ ସୁନାଙ୍କ ସ୍ମୃତିରେ ଜିଲା ଫୁଟବଲ ସଂଘ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ଶ୍ରଦ୍ଧାଞ୍ଜଳି ସଭା କରାଯାଇଛି। ଜିଲା ଫୁଟବଲ ସଂଘ ସାଧାରଣ ସମ୍ପାଦକ ତଥା ସରକାରୀ ଆଇନଜୀବୀ ମନୋହର ମହାନ୍ତି, କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଓ ଏମ୍. ବିଜୟ କୁମାରଙ୍କ ସମେତ କ୍ରୀଡା ଛାତ୍ରାବାସରେ ରହୁଥିବା କ୍ରୀଡ଼ାବିତ ଉପସ୍ଥିତ ଥିଲେ। ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଅନୁକୂଳଚନ୍ଦ୍ର, ସ୍ୱାମୀ ଚିଦାନନ୍ଦଙ୍କ ଜନ୍ମ ଦିବସ ପାଳିତ

ଚିତ୍ରକୋଣ୍ଡା,୨୫।୯(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ଥାନୀୟ ଚିତ୍ରକୋଣ୍ଡା ଚିଡିଆର କଲୋନୀସ୍ଥିତ ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୬ ତମ ଜନ୍ମତିଥି ପାଳିତ ହୋଇଯାଇଛି। ଦିନ ତମାମ ପୂଜାର୍ଚ୍ଚନା ସହ ସତ୍‌ସଙ୍ଗ ମାଧ୍ୟମରେ ଭଜନ କୀର୍ତ୍ତନ, ଯଜନ ଯାଜନ କରାଯାଇ ପ୍ରସାଦ ସେବନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯାଜକ ଅଲେଖ ପ୍ରସାଦ ସ୍ୱାଇଁ ଗୁରୁ ଭାଇ ଓ ମା ରାକେଶ ମହାରଣା, ଅନ୍ତର୍ଯ୍ୟାମୀ ଡାକୁଆ, ଭାର୍ଗବୀ ପଣ୍ଡା, ଧୀରାଜ ବିଶ୍ୱାସ, ଗିତା ମହାରଣା, ବ୍ରଜବନ୍ଧୁ ନାୟକ, ରତନ ବିଶ୍ୱାସ ଓ କୃଷ୍ଣଚନ୍ଦ୍ର ଗୁଡିଆ ଓ ହରିବନ୍ଧୁ ଗତନ ପରିଚାଳନା କରିଥିଲେ। ସେହିଭଳି ଚିତ୍ରକୋଣ୍ଡା ସ୍ଥିତ ଦିବ୍ୟ ଜୀବନ ସଂଘ ଶାଖା ତରଫରୁ ସ୍ୱାମୀ ଚିଦାନନ୍ଦଙ୍କ ୧୦୭ତମ ଜନ୍ମ ଦିବସ ପାଳିତ ହୋଇଯାଇଛି । ପ୍ରଭାତରୁ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଜାରି ରହିଥିଲା । ଦିବ୍ୟ ଜୀବନ ସଂଘ ପକ୍ଷରୁ ଚିଦାନନ୍ଦଙ୍କ ପାଦ ପୂଜା ସହିତ ଦିନ ତମାମ ଗୁରୁଜୀଙ୍କ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ ଲାଗି ରହିଥିଲା। ସତ୍‌ସଙ୍ଗ ସହିତ ଆଳତିପୂଜା କରାଯାଇ ମାଧାହ୍ନରେ ପ୍ରସାନ ସେବନ ପରେ ନାରାୟଣ ସେବା ମାଧ୍ୟମରେ ସଂଘ ତରଫରୁ ଦୁଖୀରଙ୍କିଙ୍କୁ ଖାଦ୍ୟ ସହ ବସ୍ତ୍ର ଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ଦିବ୍ୟ ଜୀବନ ସଂଘ ଶାଖା ସଦସ୍ୟ ଶଙ୍କର ଦାସ, ଲକ୍ଷ୍ମଣ ବେହେରା,ସୋମନାଥ ବେହେରା,ବିଜୟ ପଣ୍ଡା, ରବୀନ୍ଦ୍ର ରଥ, ସରସ୍ୱତୀ ପାଢ଼ୀ, ଗୌରହରୀ ସାହୁ ଓ ମଦନ ଦାସ ପରିଚାଳନା କରିଥିଲେ ।

# ବ୍ଲକସ୍ତରୀୟ କଳା ସଂସ୍କୃତି ସଂଘ ତାଲିମ ଶିବିର


ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି ।

କାଳିମେଳା,୨୫।୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ପରିସର ସଭାଗୃହରେ ବ୍ଲକସ୍ତରୀୟ କଳା ସଂସ୍କୃତି ସଦସ୍ୟଙ୍କୁ ନେଇ ଏକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ ଅଧକ୍ଷା ସୁବାସିନୀ ସୋଢ଼ୀ ଉଦ୍‌ଘାଟନ କରିବା ସହିତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହା ସହିତ ତାଲିମ ଶିବିରରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଦେଶା କାମରାମ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରୋଇ, ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ସରକାର,ବ୍ଲକ ସଂଚାଳକ ମିଶନ ଶକ୍ତି ରତନ ଗୋଲଦାର, ବ୍ଲକ ଟେକ୍ନୋଲୋଜି ଅଫିସର ପ୍ରବୀଣ ଦାସ ଏବଂ କୃଷି ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ମଧ୍ୟରୁ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ୍ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡ଼ିଶା ନବୀନ ଓଡ଼ିଆ ଓ ୫-ଟି ରୂପାନ୍ତରୀକରଣ ଯୋଜନାଗୁଡିକୁ ସରକାର ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ସହ ଗାଁ ଗାଁରେ ଏହି କଳାକାରମାନେ ଗୀତ, ନାଟକ ଓ ଦାସକାଠିଆ ମାଧ୍ୟମରେ ପ୍ରଚାର ପ୍ରସାର ପାଇଁ ଏହି କଳା ସଂସ୍କୃତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହାଦ୍ୱାରା ଗାଁ ଗାଁରେ ସରକାରୀ ଯୋଜନା ବିଷୟରେ ଲୋକମାନେ ଜାଣିପାରିବେ। ତା' ସହିତ ଲୋକମାନେ ସରକାରୀ ଅଫିସକୁ ଆସି ସରକାରଙ୍କ ଯୋଜନାର ଲାଭ ପାଇ ପାରିବେ ବୋଲି କୁହାଯାଇଛି।

# ଅଣ ସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର

ମାଲକାନଗିରି,୨୫।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଶ୍ରମ କାର୍ଯ୍ୟାଳୟରେ ସୋମବାର ବିଶିଷ୍ଟ କୋୟା ଲୋକ କଳାକାର, ଶାନ୍ତି କାୱାସୀଙ୍କୁ ଅଣ ସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଅଣ ସଂଗଠିତ ଶ୍ରମିକ ସୁରକ୍ଷା କଲ୍ୟାଣ ବୋର୍ଡରେ ନୂତନ ଭାବେ କଳାକାର ଏବଂ ତତ୍ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ପଞ୍ଜୀକରଣ କରିବାର ସୁବିଧା ପ୍ରଦାନ ପରେ ସୋମବାର ଜିଲାର ବିଶିଷ୍ଟ କୋୟା ଲୋକ କଳାକାର କାୱାସୀ ନିଜକୁ ପଞ୍ଜୀକରଣ କରିବା ପାଇଁ ଦରଖାସ୍ତ ମାଧ୍ୟମରେ ଆବେଦନ କରିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟ ଏଥିରେ ତତ୍ପରତା ପ୍ରଦର୍ଶନ କରି ତାଙ୍କ ଦରଖାସ୍ତକୁ ଅନୁମୋଦନ କରି ଅଣ ସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ହସ୍ତାନ୍ତର କରିଥିଲେ। ଏହାଦ୍ୱାରା ସମସ୍ତ କଳାକାର ଏବଂ ଲୋକ ବାଦ୍ୟ ଓ ଲୋକ ନୃତ୍ୟରେ ସଂଶ୍ଳିଷ୍ଟ ବ୍ୟକ୍ତିମାନେ ଉତ୍ସାହିତ ହୋଇ ନିଜକୁ ପଞ୍ଜୀକରଣ କରିବା ପାଇଁ ଜିଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ଏଥିରେ ମୃତ୍ୟୁକାଳୀନ ୨ରୁ ୪ ଲକ୍ଷ ପର୍ଯ୍ୟନ୍ତ ସହାୟତା ପାଇବା ବ୍ୟବସ୍ଥା ରହିଛି। ଆବଶ୍ୟକ ସ୍ଥଳେ କାର୍ଯ୍ୟ କ୍ଷମତା କ୍ଷତି ଅନୁପାତରେ ଅନୁକମ୍ପା ରାଶି ପାଇବାର ବ୍ୟବସ୍ଥା ରହିଛି। ଏଥିରେ ପଞ୍ଜୀକରଣ ନିମନ୍ତେ ୱେବ୍‌ସାଇଟରେ ଆବେଦନ କରିପାରିବେ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ପ୍ରମିଳା ମାଝି ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଉପସ୍ଥିତ ଥିଲେ।



# ଉପ କାରାଗାରରେ କାର୍ଯ୍ୟରତ କର୍ମଚାରୀଙ୍କ ଆମରଣ ଅନଶନ

ମାଲକାନଗିରି,୨୫।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଥିବା ଉପ କାରାଗାରରେ କାର୍ଯ୍ୟରତ କର୍ମଚାରୀମାନେ ୫ଦଫା ଦାବି ନେଇ ସୋମବାରଠାରୁ ଆମରଣ ଅନଶନରେ ବସିଛନ୍ତି। ଦୀର୍ଘଦିନ ଧରି ଏହି କର୍ମଚାରୀମାନେ ନିଜର ୫ଟି ଦାବି ପୂରଣ ପାଇଁ ଅନୁରୋଧ କରି ଆସୁଥିବା ବେଳେ ତାହା ପୂରଣ ନ ହେବାରୁ ପୂର୍ବରୁ କଳା ବ୍ୟାଜ୍ ପିନ୍ଧିଥିଲେ। ତେବେ ୨୪ ତାରିଖ ମଧ୍ୟରେ ସରକାର କୌଣସି ପଦକ୍ଷେପ ନ ନେବାରୁ ବାଧ ହୋଇ ସେମାନେ ଉପ କାରାଗାର ସମ୍ମୁଖରେ ଏହି ଅନଶନ ଆରମ୍ଭ କରିଥିବା କହିଛନ୍ତି। ସେମାନଙ୍କର ୫ ଟି ଦାବିଗୁଡିକ ହେଲା ୱାର୍ଡରମାନଙ୍କ ଗ୍ରେଡ୍‌ପେ ୧୯୦୦ ରୁ ୨୦୦୦ ଟଙ୍କାକୁ ଓ ଚିଫ ୱାର୍ଡରମାନଙ୍କ ଗ୍ରେଡପେ ୨୦୦୦ ରୁ ୨୪୦୦ ଟଙ୍କା କରିବା, ପୁରୁଣା ପଦୋନ୍ନତି ନିୟମ ୨୦୧୨ କୁ ଲାଗୁ କରିବା, ଉପଖଣ୍ଡସ୍ତରୀୟ ବଦଳିକୁ ଉଚ୍ଛେଦ କରିବା, ଖାଦ୍ୟ ଭତ୍ତା ୪୦୦ରୁ ୧୪୦୦କୁ ବୃଦ୍ଧି, ୭ମ ବେତନ କମିଶନ ୨୦୧୭ ଅନୁଯାୟୀ ୧୩ ମାସିଆ ଦରମା ବୃଦ୍ଧି କାର୍ଯ୍ୟକରିବା ଆଦି ରହିଛି। ତେବେ ଏହି ଦାବି ଗୁଡିକ ଯେ ପର୍ଯ୍ୟନ୍ତ ପୂରଣ ହୋଇ ନାହିଁ କିମ୍ବା ସରକାରଙ୍କଠାରୁ କୌଣସି ପ୍ରତିଶ୍ରୁତି ମିଳୁନି, ସେତେଦିନ ଯାଏ ଅନଶନ ଜାରି ରହିବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ତେବେ ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମେ କୌଣସି ଖାଦ୍ୟ ମଧ ଗ୍ରହଣ କରିବୁ ନାହି ବୋଲି ଏହି ଅନଶନ କାରୀମାନେ ପ୍ରକାଶ କରିଛନ୍ତି ।



ଜେଲ କର୍ମଚାରୀମାନେ ଅନଶନରେ ବସିଛନ୍ତି ।

# ବାଘବେଢ଼ାକୁ ନାହିଁ ପକ୍କାରାସ୍ତା

## ଆସିପାରୁନି ଆମ୍ବୁଲାନ୍ସ, ଏବେବି ଅନେକେ ଘରେ କରୁଛନ୍ତି ପ୍ରସବ

ଝରିଗାଁ,୨୫।୯(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାଠାରୁ ମାତ୍ର ୩ କି.ମି. ଦୂରରେ ଥିବା ବାଘବେଢ଼ା ଗ୍ରାମକୁ ପକ୍କା ରାସ୍ତା ନାହିଁ। ନୂତନ ରାସ୍ତା ପାଇଁ ବହୁବାର ଜନ ପ୍ରତିନିଧି ସହ ବ୍ଲକ ଓ ଜିଲା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଉକ୍ତ ସ୍ଥାନରେ ଦୀର୍ଘ ୫୦ ବର୍ଷ ତଳେ ଜଙ୍ଗଲ କାଟି କିଛି ପରିବାର ବସତି ସ୍ଥାପନ କରିଥିଲେ। ପରେ ତାହାର ନାମ ବାଘବେଢ଼ା ଗ୍ରାମ ରଖିଥିଲେ। ବର୍ତ୍ତମାନ ଏହି ଗ୍ରାମରେ ପ୍ରାୟ ୨୫ ସନ୍ତା ପରିବାର ରହୁଛନ୍ତି। ମାତିଲି ସାହି ଦେଇ ଉକ୍ତ ଗାଁକୁ ଯିବାକୁ ପଡ଼େ। ପ୍ରଶାସନ ପକ୍ଷରୁ ମାତିଲି ସାହି ପର୍ଯ୍ୟନ୍ତ ମାଟି ରାସ୍ତା କରାଯାଇଛି। କିନ୍ତୁ ସେଠାରୁ ବାଘବେଢ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ମାତିଲି ସାହିରୁ ପ୍ରାୟ ୧ କି.ମି. ଦୂର ବାଘବେଢ଼ା ନାଳ ପାରହୋଇ ଧାନ ଜମି ହିଡ଼ ଦେଇ ବିପଦସଙ୍କୁଳଭାବେ ବାଘବେଢ଼ାକୁ ଯିବାକୁ ହୁଏ। ବର୍ଷାଦିନେ ବାଘବେଢ଼ା ଗ୍ରାମକୁ ଯାତାୟାତ ପାଇଁ ସମସ୍ୟା ହୋଇଥାଏ। ରାସ୍ତା ନ ଥିବା ଯୋଗୁ ରୋଗୀ ଏବଂ ଗର୍ଭବତୀଙ୍କୁ ଭାରରେ ବୋହି ମାତିଲି ସାହି ପର୍ଯ୍ୟନ୍ତ ନେବାକୁ ପଡ଼େ। ଏଥିପାଇଁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଦ ପଡ଼ି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ମହିଳାମାନେ ଘରେ ପ୍ରସବ କରୁଥିବା ଗ୍ରାମବାସୀ କହିଛନ୍ତି। ସେହିପରି ବାଘବେଢ଼ା ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତା ଏବଂ ଆବାସ ଗୃହ ପାଇବା ପାଇଁ ବହୁ ଯୋଗ୍ୟ ହିତାଧିକାରୀ ଥିଲେ ମଧ ଯୋଜନାରେ ସାମିଲ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଗ୍ରାମରେ ପାଇଖାନା ନିର୍ମାଣ ହୋଇଥିବାବେଳେ ନିମ୍ନମାନର କାମ ଯୋଗୁ ପାଇଖାନା ବ୍ୟବହାର ଉପଯୋଗୀ ନାହିଁ। ସେହିପରି ବାଘବେଢ଼ା ଗ୍ରାମରେ ନୂତନ ପୋଖରୀ ଖନନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ବିଭିନ୍ନ ସମସ୍ୟାକୁ ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରିବା ପାଇଁ ଗ୍ରାମର ଗଦା ସାନ୍ତା, ଡମ୍ବରୁ ସାନ୍ତା, ଅସ୍ତୁ ସାନ୍ତା, ସଲପୁ ସାନ୍ତା, ଓକିଲ ସାନ୍ତା, କମଳା ସାନ୍ତା, ପାର୍ବତୀ ସାନ୍ତା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଝରିଗାଁ ବିଡିଓ ସତ୍ୟନାରାୟଣ ମେହେରଙ୍କୁ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ସେହି ଗାଁକୁ ପକ୍କାରାସ୍ତା କରାଯିବା ନେଇ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।


ବାଘବେଢ଼ା ଗାଁକୁ ସଂଯୋଗ କରୁଥିବା ନାଳ।

**ଚିହ୍ନଟ ପରେ ମୃତଦେହ ନେଲେ ପରିବାର**

ତେନ୍ତୁଳିଖୁଣ୍ଟି,(ଚିଦାନନ୍ଦ ସାହୁ)- ଖାତିଗୁଡା ଥାନା ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଲାଉଗୁଡ଼ା ରାସ୍ତା ପାର୍ଶ୍ୱରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ସେତେବେଳେ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ଖାତିଗୁଡା ପୋଲିସ ମୃତଦେହ ଚିହ୍ନଟ ପାଇଁ ମୃତକଙ୍କ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲା। ମୃତକଙ୍କ ପରିବାର ଲୋକେ ତାହାକୁ ଦେଖି ଖାତିଗୁଡା ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ଚିହ୍ନଟ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ହେଲେ କୋରାପୁଟ ଜିଲା ବିସିଂପୁର ଥାନା ଅଧୀନ ସନ୍ତୋଷପୁର ଗ୍ରାମର ତ୍ରିଲୋଚନ ମାଝୀ (୩୦)। ୭/୨୩ରେ ମାମଲା ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଜିଲାସ୍ତରୀୟ ରନିଆର ସମାଜ ବୈଠକ

ଡାବୁଗାଁ, ୨୫।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଜିଲାସ୍ତରୀୟ ରନିଆର(ବିହାରୀ) ସମାଜ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ କରାଯାଇଛି। ସର୍ବସମ୍ମତିକ୍ରମେ ମନୋଜ କୁମାର ଗୁପ୍ତା ସଭାପତି, କୈଳାସ ପ୍ରସାଦ ଗୁପ୍ତା ଉପସଭାପତି, ଯୁଗଳ କିଶୋର ଗୁପ୍ତା ସମ୍ପାଦକ, ଗୋବିନ୍ଦ ଗୁପ୍ତା ସହ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ଅରୁଣ ପ୍ରସାଦ ଗୁପ୍ତା ଓ ସନ୍ତୋଷ କୁମାର ଗୁପ୍ତାଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ୧୫ ଜଣଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜନୀତି କ୍ଷେତ୍ରରେ ଯେପରି ଏହି ସମ୍ପ୍ରଦାୟର ଲୋକେ ସରକାରଙ୍କଠାରୁ ସମସ୍ତ ପ୍ରକାର ସୁବିଧା ପାଇପାରିବେ ଏଥିନେଇ ସଂଘ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବ। ପାରିବାରିକ ଗଣ୍ଡଗୋଳ ମଧ୍ୟ ସଂଘ ଦ୍ୱାରା ପ୍ରଥମେ ସମାଧାନ କରାଯିବ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ସମସ୍ତ ବ୍ଲକରୁ ବହୁ ରନିଆର ସମାଜ ଲୋକ ଉପସ୍ଥିତ ଥିଲେ।

### ରାସେଶ୍ୱରୀ ଦେବିଜୀଙ୍କ ଦାର୍ଶନିକ ପ୍ରବଚନ

ଉମରକୋଟ, ୨୫।୯(ସନ୍ତୋଷ ଶତପଥୀ)

କାଶୀ ବିଦ୍ୱତ ପରିଷଦ ଦ୍ୱାରା ଜଗତଗୁରୁତ୍ତମ ଉପାଧିରେ ବିଭୂଷିତ ବିଶ୍ୱର ପଞ୍ଚମ ମୂଳ ଜଗତ ଗୁରୁ ସ୍ୱାମୀ ଶ୍ରୀ କୃପାଳୁଜି ମହାରାଜ ଙ୍କ ପରମ ପ୍ରିୟ ବରିଷ୍ଠ ପ୍ରଚାରିକା ରାସେଶ୍ୱରୀ ଦେବିଜୀଙ୍କ ଆଭାସି ପରଦା ମାଧ୍ୟମରେ ସାତ ଦିନିଆ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହେଇଛି। ବ୍ରଜ ଗୋପିକା ସେବାମିଶନ ଉମରକୋଟ ଶାଖା ଆନୁକୂଲ୍ୟରେ କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଉଦ୍‌ଘାଟନୀ ପ୍ରଥମ ସନ୍ଧ୍ୟାରେ 'କେବଳ ମାନବ ଶରୀରରେ ହିଁ ଈଶ୍ୱର ପ୍ରାପ୍ତି ସମ୍ଭବ' ବିଷୟରେ ପ୍ରବଚନ ଉପସ୍ଥାପନା କରାଯାଇଛି। ପ୍ରବଚନ କାର୍ଯ୍ୟକ୍ରମ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ପ୍ରତି ଦିନ ସନ୍ଧ୍ୟା ୫.୩୦ ରୁ ୭.୩୦ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ମାସ ୧ରୁ ୩ ତାରିଖ ଯାଏ ଭକ୍ତିଯୋଗ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି। ଉଦଘାଟନୀ ଉତ୍ସବରେ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମଧୁସ୍ମିତା ମିଶ୍ର, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ବରିଷ୍ଠ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ମନମୋହନ ସେନାପତି, ବିଇଓ ବିକାଶ ଚନ୍ଦ୍ର ସରକାର ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହାରାଜଙ୍କ ଆଶ୍ରମରୁ ଆସିଥିବା ଅର୍ପିତା ଏବଂ ସମର୍ପିତାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସେବା ମିଶନ ଶାଖାର ଗାୟତ୍ରୀ ପାତ୍ର, ଚମନ ଲାକ୍ରା, ରୁଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୫।୯(ପବନ ପାଣିଗ୍ରାହୀ)

ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ସୋମବାର ଗିରଫ କରିଛି। ସେ ହେଲେ କଲସାହାଣ୍ଡି ଗ୍ରାମର କପିଳ ପୂଜାରୀ (୩୦)। କପିଳ ଙ୍କ ନାମରେ ଏକ ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ସୋମବାର ସେ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଛି।

# ଏସ୍‌ପି ଅଫିସ ଆଗରେ ବସିଲେ ଗ୍ରାମବାସୀ, ମୃତକଙ୍କ ପରିବାର

- ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ମାମଲା
- ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଜଣଙ୍କ ଗିରଫ ଦାବି

ନବରଙ୍ଗପୁର,୨୫।୯(ସଦାଶିବ ପ୍ରହରାଜ)



ସାମାନ୍ୟ ବଚସାକୁ ନେଇ ଗୁରୁବାର ରାତିରେ ଚଟ୍ଟାହାଣ୍ଡି ଗାଁରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପରିବାର ଓ ହରିଶ୍ଚନ୍ଦ୍ର ମାଝିଗୁଡ଼ା ଗ୍ରାମବାସୀ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀଙ୍କୁ ଭେଟି ଦାବି କରିଛନ୍ତି। ସେମାନେ ଘଟଣା ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା କରି ଫେରିଯାଇଥିଲେ।

ଗୁରୁବାର ବାଇକ୍ ହେଡ୍ ଲାଇଟ୍ ପଡ଼ିବା ନେଇ ଚଟ୍ଟାହାଣ୍ଡି ଗ୍ରାମର ପୂର୍ଣ୍ଣ ହରିଜନ ଓ ହରିଶ୍ଚନ୍ଦ୍ର ମାଝିଗୁଡ଼ା ଗାଁର ମହାଦେବ ଭତରା ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ଦିନ ରାତିରେ ମହାଦେବ ତାଙ୍କ ସମ୍ପର୍କୀୟଙ୍କ ସହ ପୂର୍ଣ୍ଣଙ୍କ ଗାଁକୁ ଯାଇ ପାଟିତୁଣ୍ଡ କରିଥିଲେ। ପୂର୍ଣ୍ଣ, ତାଙ୍କର ୨ ଭାଇ ଓ ବାପା ସଂଘବଦ୍ଧ ଭାବେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ମହାଦେବଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ସମ୍ପର୍କୀୟ ନାରାୟଣ ଭତରାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର କରାଯାଇଥିବାବେଳେ ସୋମନାଥ ଓ ବୁଦ୍ଧୁରାମ ଆହତ ହୋଇଥିଲେ। କୋଡିଙ୍ଗା ପୋଲିସ ପୂର୍ଣ୍ଣଙ୍କୁ ଗିରଫ କରିଛି। ଅନ୍ୟ ସହଯୋଗୀ ତଥା ତାଙ୍କ ୨ଭାଇଙ୍କୁ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗ କରି ମହାଦେବଙ୍କ ପରିବାର ଲୋକେ ଏବଂ ତେନ୍ତୁଳିଗୁଡ଼ା ଓ ଚଟ୍ଟାହାଣ୍ଡି ଗାଁର ୧୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବସିଥିଲେ। ଏହାପରେ ଏସ୍‌ପି ଆସି ମୃତକଙ୍କ ଭାଇ ଫଗୁଣ ଭତରା, ୱାର୍ଡମେମ୍ବର ବଳି ଭତରା, ବୁଦ୍ଧୁରାମ ଭତରା, ସଦୁରାମ ଭତରା, ଶୁକ୍ଳ ଭତରା, ଫୁଲ ଭତରା ଓ ପଦ୍ମିନୀ ଭତ୍ରାଙ୍କ ସହ ଆଲୋଚନା କରିଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଉତ୍ତେଜନା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଗ୍ରାମବାସୀ କହିଥିଲେ। ଅଭିଯୁକ୍ତଙ୍କୁ ନିଶ୍ଚିତ ଗିରଫ କରାଯିବ ଓ ହତ୍ୟାକାରୀ ଦଣ୍ଡ ପାଇବେ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବାପରେ ସମସ୍ତେ ସେଠାରୁ ଫେରିଥିଲେ।

# ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୫।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ସୋମବାର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ସଉରା ସାହି କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୧୦ ବ୍ଲକ ଓ ୨ଟି ପୋରାଞ୍ଚଳର କଂଗ୍ରେସ କର୍ମୀ ଯୋଗଦେଇ ଥିଲେ। ମଞ୍ଚାସୀନ ଅତିଥିମାନେ ଘରେଘରେ କଂଗ୍ରେସ ଘରେ ଘରେ ହାତର ପ୍ରଚାର ପତ୍ର ଉଦ୍‌ଘାଟନ କରିଥିଲେ। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ବିଜେଡି ଶାସନ କାଳରେ ଜିଲାରେ ଜଳ ସେଚନ ଏକପ୍ରହସନରେ ପରିଣତ ହୋଇଛି ବୋଲି କହିଥିଲେ। କଂଗ୍ରେସ ସରକାର ଅମଳରେ ଖଡକା ଡ୍ୟାମ, ଫୁଲଝରି ଡ୍ୟାମ, କୁସୁମିଝର ପ୍ରକଳ୍ପ ନିର୍ମାଣ ହୋଇଥିଲା। ଟୁରୀ ଗୁଣିଆଟ ଜଳ ସେଚନ ପ୍ରକଳ୍ପ କଂଗ୍ରେସ ସରକାର ଅମଳରେ ଆରମ୍ଭ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାହିଁକି ଶୁଭ ଦିଆଗଲା ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଜିଲା ଭିତ୍ତିକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟବେକ୍ଷକ ଟୁନା ମହାପାତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଏହି କାର୍ଯ୍ୟକ୍ରମକୁ ସାଢ଼େ ଚାରି କୋଟି ଓଡ଼ିଆଙ୍କ ଘରେ ଘରେ ପହଞ୍ଚାଇବା ପାଇଁ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ଆଦିବାସୀ ଯୁଗ୍ମ ସଂଯୋଜିକା ତଥା ପିସିସି ସମ୍ପାଦିକା ହାରାବାତି ଗଣ୍ଡ, ଏଆଇସିସି ସଭ୍ୟା ତଥା ଛାତ୍ର କଂଗ୍ରେସ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନସା ତ୍ରିପାଠୀ, ତୁଳଶା ଭତରା, ଧନକି ଶାନ୍ତା, ପୂର୍ବତନ ଜିଲା ପରିଷଦ ସଭାପତି ଭାଗିରଥୀ ନାୟକ, ରାଇଘର ବ୍ଲକ କଂଗ୍ରେସ ସଭାପତି ସୁବଳନ ସାନ୍ତା, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ଛାତ୍ର କଂଗ୍ରେସ ଜିଲା ସଭାପତି ପବିତ୍ର ଗରଡା, ସେବା ଦଳ ଜିଲା ସଭାପତି ଶେଖଚାନ୍ଦ ଉସ୍‌ମାନିଆ, ଅର୍ଜୁନ ସମରଥ, ଆଦିବାସୀ ସେଲ ସଭାପତି ଦିଲ୍ଲୀପ ପ୍ରଧାନୀ, ପଛୁଆ ବର୍ଗ ଜିଲା ସଭାପତି ପଦ୍ମନ୍ ବିଷୋୟୀ, ଆଇଏନଟିୟୁସି ଜିଲା ସଭାପତି ଦିବାକର ପୂଜାରୀ, ଚାଷୀ ଜିଲା ସେଲ ସଭାପତି ମହେଶ୍ୱର ଭତରା, ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ସଂଯୋଜକ ପ୍ରକାଶ ସାମନ୍ତରାୟ, ବରିଷ୍ଠ ଆଦିବାସୀ ନେତା ମଙ୍ଗଳା ମାଝି, କୁଶିଆଁ ମାଝି, ନର ଭତରା, ଖଗପତି ଭତରା, ପୂର୍ବତନ ନବରଙ୍ଗପୁର ବିଧାୟକ ହବିବୁଲ୍ଲା ଖାଁଙ୍କ ଝିଅ ହୁଶୁନା ବାନ, ନବ ଜୀବନ ମନ୍ଦାର, ବୈଦେହି ମାଝି,ସୁବାସ ସାଗର,ଭାସ୍କର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ କଂଗ୍ରେସ ନେତାମାନେ।

# ସେବା, ସଚେତନତା ଏନ୍‌ଏସ୍‌ଏସ୍‌ର ମୁଖ୍ୟ ଲକ୍ଷ୍ୟ




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଡାବୁଗାଁ, ୨୫।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଏନ୍‌ଏସ୍‌ଏସ୍‌ର ଜାତୀୟ କର୍ମଶାଳା**

ନବରଙ୍ଗପୁର ଜିଲା ଡାବୁଗାଁସ୍ଥିତ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଏକ ଜାତୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାମିଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଧାରଣ ସଭା କରାଯାଇଥିଲା। ଏନ୍‌ଏସ୍‌ଏସ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରାଯାଇଥିଲା। ସାମାଜିକ ସୁରକ୍ଷା ଓ ଏଥି ପାଇଁ ଆବଶ୍ୟକ ସଚେତନତା, ପରିବେଶ ଓ ସାମାଜିକ ସଚେତନତା ରକ୍ଷା କରିବା ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କ ମୁଖ୍ୟ ଦାୟିତ୍ୱ ହେବା ଦରକାର ବୋଲି ଏନ୍‌ଏସ୍‌ଏସ୍ ମୁଖ୍ୟ ମେକ୍ସ ନାୟକ କହିଛନ୍ତି। ସମ୍ମାନିତ ଅତିଥିଭାବେ ଭୈରବ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର ଗନ୍ତାୟତ ଯୋଗଦେଇଥିଲେ। ସାମାଜିକ ସୁରକ୍ଷାରେ ଛାତ୍ରୀଛାତ୍ର ମୁଖ୍ୟ ଅଙ୍ଗ ବୋଲି ସେ କହିଥିଲେ। ସେବା ଓ ସଚେତନତା ଏନ୍‌ଏସ୍‌ଏସ୍‌ର ମୁଖ୍ୟ ଲକ୍ଷ୍ୟ। ସଂଘୀୟ ବ୍ୟବସ୍ଥା, ସାମାଜିକ ସୁରକ୍ଷା ଓ ଦାୟିତ୍ୱ, ପରିବେଶ ସଫାସୁତୁରା ରଖିବା, ଚାରାରୋପଣ ଓ ପରିବେଶ ନିୟନ୍ତ୍ରଣ ସହ ସାମାଜିକ ସେବା ଓ ବିକାଶ ମୁଖ୍ୟ ଲକ୍ଷ୍ୟ ରହିବା ଦରକାର ବୋଲି ଅର୍ଥନୀତି ଅଧ୍ୟାପକ ସନ୍ନ୍ୟାସୀ ସାହୁ କହିଛନ୍ତି। ସଭାରେ ଭୈରବ ସ୍ନାତକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗୀୟ ମୁଖ୍ୟ ଉର୍ମିଳା ବ୍ରହ୍ମା, ଇତିହାସ ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ସାହୁ, ଓଡ଼ିଆ ବିଭାଗୀୟ ମୁଖ୍ୟ ଚନ୍ଦନା ପଣ୍ଡା, ଓଡ଼ିଆ ଅଧ୍ୟାପିକା ମନୀଷା ସରକାର, ଇତିହାସ ବିଭାଗୀୟ ଅଧ୍ୟାପକ ଦୟାରାମ ମନୋହର ପ୍ରମୁଖ ଉପସ୍ଥିତି ଥିଲେ।

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ଜରିମାନା

ନବରଙ୍ଗପୁର,୨୫।୯(ସଦାଶିବ ପ୍ରହରାଜ)

ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି ନବରଙ୍ଗପୁର ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ। ଜରିମାନା ଅନାଦେୟ କ୍ଷେତ୍ରରେ ଆଉ ଏକ ବର୍ଷ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ହେଲେ ପାପଡ଼ାହାଣ୍ଡି ଥାନା ଅଧୀନ ଗାଦବାକତରା ଗାଁର ପ୍ରହ୍ଲାଦ ଜାନୀ। ସୂଚନାନୁଯାୟୀ, ୨୦୨୧ ନଭେମ୍ବର ୧୮ ରାତିପ୍ରାୟ ସାଢେ ୮ଟାରେ ପାପଡ଼ାହାଣ୍ଡି ଥାନା ଗାଦବାକତରା ଗ୍ରାମର ସନ୍ନ୍ୟାସୀ ଜାନୀ ବାରଣ୍ଡାରେ ବସି ଖାଉଥିବାବେଳେ ପୋଢ଼ଶୀ ପ୍ରହ୍ଲାଦ ଜାନୀ ଓ ତାଙ୍କ ସ୍ତ୍ରୀ ଦୁହେଁ ତାଙ୍କୁ ଗାଳି କରିବା ସହ ଠେଙ୍ଗାରେ ମାଡ଼ ମାରିଥିଲେ। ସନ୍ନ୍ୟାସୀ ସେଠାରେ ବେହୋସ ହେବାର ଦେଖି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପରିବାର ଲୋକେ ସନ୍ନ୍ୟାସୀଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସନ୍ନ୍ୟାସୀଙ୍କ ମୃତ୍ୟୁ ହୋଇଥିଲା। ସନ୍ନ୍ୟାସୀଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାପଡ଼ାହାଣ୍ଡି ପୋଲିସ କେସ ନମ୍ବର ୧୬୬୬/୨୧ରେ ଏକ ମାମଲା ରୁଜୁକରି ପ୍ରହ୍ଲାଦଙ୍କୁ ଗିରଫ କରିଥିଲା। ୧୮ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ନବରଙ୍ଗପୁର ଜିଲା ଦୌରା ଜଜ୍ ସଞ୍ଜିବ ଦୁବେ ମାମଲାର ରାୟ ଦେଇଥିଲେ। ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ପରିଚାଳନା କରୁଥିଲେ।

# କଳାବ୍ୟାଜ୍ ପରିଧାନକରି ଆମରଣ ଅନଶନ

ନବରଙ୍ଗପୁର/ଉମରକୋଟ, ୨୫।୯ (ସଦାଶିବ ପ୍ରହରାଜ/ସନ୍ତୋଷ ଶତପଥୀ)

୫ ଦଫା ଦାବି ନେଇ ଉପକାରାଗାର କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। କାରାରକ୍ଷୀଙ୍କ ଗ୍ରେଡ୍ ପେ ୨ହଜାର ଟଙ୍କା ଓ ମୁଖ୍ୟ କାରାରକ୍ଷୀଙ୍କ ୨୪୦୦ ଟଙ୍କାକୁ ବୃଦ୍ଧି, କାରାରକ୍ଷୀରୁ ମୁଖ୍ୟ କାରାରକ୍ଷୀ ପଦବୀ ପାଇଁ ପୁରୁଣା ପଦୋନ୍ନତି ନିୟମ ୨୦୧୨ ଲାଗୁ, ଉପଖଣ୍ଡସ୍ତରକୁ ବଦଳି ନିୟମ ବନ୍ଦ, ଖାଦ୍ୟ ଭତ୍ତା ୪ଶହରୁ ୧୪ଶହକୁ ବୃଦ୍ଧି, ସମସ୍ତ ବେତନ କମିଶନ ୨୦୧୭ ଅନୁଯାୟୀ ୧୩ ମାସିଆ ଦରମା ଲାଗୁ ଆଦି ୫ଦଫା ଦାବ ରହିଛି। ଉକ୍ତ ଦାବି ନେଇ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଉପକାରାଗାର କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଥିଲେ। ୨୪ ସୁଦ୍ଧା ଦାବି ପୂରଣ ନ ହେଲେ ୨୫ରୁ ଆମରଣ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି କ୍ରମରେ ସୋମବାର ନବରଙ୍ଗପୁର ଉପକାରାଗାର ସମ୍ମୁଖରେ ଜେଲ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ ସହ ଆମରଣ ଅନଶନରେ ବସିଛନ୍ତି।

ଉମରକୋଟରେ ମଧ୍ୟ ସମାନ ଦାବିକୁ ନେଇ କାରାଗାର କର୍ମଚାରୀ ଆନ୍ଦୋଳନ କରୁଛନ୍ତି। ଉମରକୋଟ କାରାଗାର କର୍ମଚାରୀ ସଂଘର ସଭାପତି ସରୋଜ କୁମାର ମିଶ୍ର, ଉପସଭାପତି କୈଳାଶ ଚନ୍ଦ୍ର ମାଝି, ସମ୍ପାଦକ ରଞ୍ଜିତ କୁମାର ବାଗ, କୋଷାଧ୍ୟକ୍ଷ ଭକ୍ତ ହରି ଖୋସଲାଙ୍କ ସମେତ ସମସ୍ତ ୧୨ଜଣ କର୍ମଚାରୀ ଆମରଣ ଅନଶନରେ ବସିଛନ୍ତି।




ଉମରକୋଟରେ କାରାଗାର କର୍ମଚାରୀମାନେ ଅନଶନ କରୁଛନ୍ତି।

# ନନ୍ଦାହାଣ୍ଡିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ନନ୍ଦାହାଣ୍ଡି,୨୫।୯,(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡିଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଛି। ୨୦ଟି ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରାଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ସହ ଏସ୍‌ପି, ଜିଲା ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ, ଉପ ଜିଲାପାଳ ପ୍ରକାଶ ମିଶ୍ର ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଜିଲାପାଳ ଅଭିଯୋଗ ଶୁଣିବା ପରେ ସମାଧାନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୩୦ ଅଭିଯୋଗ ମଧ୍ୟରୁ ୫ଟିର ଘଟଣାସ୍ଥଳରେ ସମାଧାନ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ନନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ନନ୍ଦାହାଣ୍ଡି ତହସିଲଦାର ଡଃ. ବନମାଳୀ ମେହେର, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି କର୍ମଚାରୀ, ପୋଲିସ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୭ ଜଣଙ୍କୁ ଭତ୍ତା ପ୍ରମାଣ ପତ୍ର, ଜଣଙ୍କୁ ଆଶାବାଡି ଓ ୨ ଜଣଙ୍କୁ ମଧୁବାବୁ ଭତ୍ତା ପ୍ରମାଣପତ୍ର ଦିଆଯାଇଛି।



ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

### ଦୀନ ଦୟାଲଙ୍କ ଜୟନ୍ତୀ

ଉମରକୋଟ, ୨୫।୯ (ସନ୍ତୋଷ ଶତପଥୀ)

ଉମରକୋଟସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକାତ୍ମ ମାନବ ଦର୍ଶନ, ପ୍ରଖର ରାଷ୍ଟ୍ରବାଦୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଥମେ ଦିନଦୟାଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ବକ୍ତା, ସଂଯୋଜକ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ, ଜିଲା ସମ୍ପାଦକ ରାମ ନାୟକ, ନଗର ସଭାପତି ଗୋପୀନାଥ ସାହୁ ଦିନ ଦୟାଲ ଉପାଧ୍ୟାୟଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ଦେଇଥିଲେ। ନଗର ମଣ୍ଡଳ ସମ୍ପାଦକ ପ୍ରଭାତ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ପୋଲିସ ସହ ମିଶି କାମ କଲେ ଅପରାଧ ରୋକିହେବ

ପାପଡ଼ାହାଣ୍ଡି, ୨୫।୯(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦୀପକ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଯୋଗେଶ୍ୱର ଭୋଇ, ଏସ୍‌ଆଇ ଚନ୍ଦନ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା, ମହାବିଦ୍ୟାଳୟ ପ୍ରିନ୍ସିପାଲ ଇନଚାର୍ଜ ଷଷ୍ଠିଲତା ନାୟକ, ଶୋଭା ଏନଜିଓର ଉମା ସତନାମୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୋଲିସର କାର୍ଯ୍ୟ, ଶାନ୍ତି ଶୃଙ୍ଖଳା ରକ୍ଷା, ସମାଜ ସୁରକ୍ଷା, ଅପରାଧ ରୋକିବା, ସାଇବର କ୍ରାଇମ ରୋକିବା, ବାଲ୍ୟ ବିବାହ ରୋକିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏତଦ ବ୍ୟତିତ ସହରରେ ଗାଈ ଗୋରୁଙ୍କ ଲାଗି ଟ୍ରାଫିକ ସମସ୍ୟା ବଢିବା, ବାଇପାସ ରାସ୍ତା ଆଦି ବିଷୟରେ ଆଲୋଚନା ହୋଇଥିଲା। ପୋଲିସ ସହ ମିଶିକି କାମ କଲେ ଅପରାଧ ରୋକିହେବ ବୋଲି ମତ ପ୍ରକାଶ ପାଇଛି। ଦଳେଇଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ରୋଡ୍ ରୋମିଓଙ୍କୁ ତାଗିଦ କରିବା ବିଷୟରେ ଆଲୋଚନା ହୋଇଥିଲା। ଅଗାମି ଦିନରେ ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ଥାନାଧିକାରୀ ଦୀପକ ଜେନା ସୂଚନା ଦେଇଥିଲେ।



ଆମ ପୋଲିସ ସମିତି ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

# ଓଡ଼ିଶାର ଉନ୍ନୟନରେ ଦିଗ୍‌ଦର୍ଶନ ଦେଉଛି ଉତ୍କଳ ସମ୍ମିଳନୀ

ନବରଙ୍ଗପୁର,୨୫।୯(ସଦାଶିବ ପ୍ରହରାଜ)




ବୈଠକରେ ମଞ୍ଚାସୀନ ଅତିଥିମାନେ।

ଉତ୍କଳ ସମ୍ମିଳନୀ ନବରଙ୍ଗପୁର ଜିଲା ଶାଖା ବାର୍ଷିକ ଉତ୍ସବ ଓ ରାଜ୍ୟ କାର୍ଯ୍ୟକାରିଣୀ ସମାରୋହ ସ୍ଥାନୀୟ ଶାସ୍ତ୍ରୀଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉତ୍କଳ ସମ୍ମିଳନୀ ରାଜ୍ୟ ସରକାରଙ୍କୁ ଓଡ଼ିଶାର ଉନ୍ନୟନ ପାଇଁ ସବୁବେଳେ ଦିଗ୍‌ଦର୍ଶନ ସହ ଉଚିତ ପରାମର୍ଶ ଦେଇଆସୁଛି ବୋଲି ସେ କହିଥିଲେ। ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର, ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ପୌରାଧ୍ୟକ୍ଷ କୁନୁ ନାୟକ, କେନ୍ଦ୍ରୀୟ ସମ୍ପାଦକ ବୀରେନ ମୋହନ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉତ୍କଳ ସମ୍ମିଳନୀ ରାଜ୍ୟର ଏକ ସର୍ବ ପୁରାତନ ଅଗ୍ରଣୀ ଅନୁଷ୍ଠାନ। ଏହି ସଂଗଠନ ଯୋଗୁ ଆଜିର ନୂତନ ଓଡ଼ିଶା ସମ୍ଭବ ହୋଇପାରିଛି ବୋଲି ଜିଲାପାଳ କହିଥିଲେ। ମୁଖ୍ୟ ବକ୍ତାଭାବେ ରାଜ୍ୟ ସଭାପତି ଅଦ୍ୱୈତ କୁମାର ପାତ୍ର ଯୋଗଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ତଥା ସମ୍ମିଳନୀର ଜିଲା ସଭାପତି ଜଗନ୍ନାଥ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସମ୍ପାଦକ ଦୁର୍ଗା ପ୍ରସାଦ ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାଇ କେୟାର ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ଉତ୍କଳ ବନ୍ଦନା ପରିବେଷଣ କରିଥିଲେ। ଜିଲା ସହ ସମ୍ପାଦିକା ଡ. ସଂଯୁକ୍ତା ପଣ୍ଡା ଓ ସଂଗଠକ ସମ୍ପାଦକ ବାଙ୍କବିହାରୀ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ। ଅଦ୍ୱୈତ କୁମାର ପାତ୍ର ଓ ଜଗନ୍ନାଥ ମହାପାତ୍ରଙ୍କୁ ପ୍ରତିଭା ସମ୍ବର୍ଦ୍ଧନା ଦିଆଯାଇଛି। ଡ. ସୁରେନ୍ଦ୍ର ନାଥ ଦାଶଙ୍କ ଅନୁବାଦ ରହସ୍ୟ ଉପନ୍ୟାସ 'ପାର୍ଟନର' ଓ କବୟିତ୍ରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ କବିତା ସଂକଳନ 'ଜ୍ୟୋତ୍ସ୍ନାଲୋକ' ଲୋକାର୍ପିତ ହୋଇଥିଲା। ଅଧ୍ୟାପକ ଅଖିଳ ଭଞ୍ଜ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନ ରେ 'ଆମ ଭାଷା ସଂସ୍କୃତି ଓ ଆଞ୍ଚଳିକତା' ଶୀର୍ଷକ ଆଲୋଚନାଚକ୍ର କରାଯାଇଛି। ଏଥିରେ ଉପସଭାପତି ଅଶୋକ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆଇନଜୀବୀ ରାମପ୍ରସାଦ ପାତ୍ର, ଗୌରୀଶଙ୍କର ମାଝି, କେନ୍ଦ୍ରୀୟ ଉପସଭାପତି ସୁବ୍ରତ ସାହୁ, ପଦ୍ମନାଭ ସାମଲ, କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ, ଗଜପତି ଜିଲା ସଭାପତି ଭରତ ଭୂଷଣ ମହାନ୍ତି, କୋରାପୁଟ ଜିଲା ସଭାପତି ମଦନମୋହନ ନାୟକ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ସୁରେଶ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଜିଲା ସଂଗଠିକା ସ୍ୱର୍ଣ୍ଣଲତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

ତୃତୀୟ ଅଧିବେଶନରେ ଉପସଭାପତି ଡ. ବିଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଦେବେନ୍ଦ୍ର ବାହିନୀପତି, ମନୋରଞ୍ଜନ ତ୍ରିପାଠୀ, ମାଲକାନଗିରି ଜିଲା ସଭାପତି ରଞ୍ଜନ ସ୍ୱାଇଁ, ରାୟଗଡ଼ା ଜିଲା ସମ୍ପାଦକ ରବିନାରାୟଣ ଶତପଥୀ, କାର୍ଯ୍ୟକାରୀ ସଦସ୍ୟ ମନୋଜ ପାଢ଼ୀ, କୁଞ୍ଜବିହାରୀ ଦାଶ, ସହଦେବ ପରିଡ଼ା, ନନ୍ଦାହାଣ୍ଡି ବ୍ଲକ ସଭାପତି ପ୍ରଭଞ୍ଜନ ତ୍ରିପାଠୀ, କୋଷାଗୁମୁଡ଼ା ବ୍ଲକ ସଭାପତି ରବି ନାୟକ, ରାଇଘର ବ୍ଲକ ସଭାପତି ଗୁରୁଦାସୀ ମଣ୍ଡଳ ଯୋଗ ଦେଇଥିଲେ। ଅଧ୍ୟାପିକା ମନୀଷା ସରକାର ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ କବୟିତ୍ରୀ ଜେମାମଣୀ ବିଷୋୟୀ, ଜାହ୍ନବୀ ପଣ୍ଡା, କପିଳ ଚନ୍ଦ୍ର ମହାନ୍ତି, ଧରିତ୍ରୀ ପଣ୍ଡା, ସାନୁଜ କୁମାର ପାତ୍ର, ପି. ରବିକାନ୍ତ ରଘୁରାମ ପ୍ରମୁଖ ଯୋଗଦେଇଥିଲେ। ସାଇ କେୟାର ଶିକ୍ଷାନୁଷ୍ଠାନ ଓ ନବରଙ୍ଗପୁର ପବ୍ଲିକ ସ୍କୁଲ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

